ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ଜୁଲାଇ, ୨୦୧୯



ଅଦରକାରୀ ଆଲୋଚନା ଏକ ଅପରାଧ। ଏଣୁ ଭଦ୍ର ମଣିଷ ଜାଣିଶୁଣି ନୀରବତା ରକ୍ଷା କରନ୍ତି।
- ଇନ୍ଦିରା ଗାନ୍ଧୀ



## ସଂକ୍ଷେପରେ

### ଯାଜପୁର ତହସିଲରେ ୫କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ
## ତତ୍କାଳୀନ ତହସିଲଦାର, ନାଜିରଙ୍କ ବିରୋଧରେ ଭିଜିଲାନ୍ସ ମାମଲା

**ଯାଜପୁର ଟାଉନ,୨୩।୭(ଡି.ଏନ୍.ଏ.) :** ଯାଜପୁର ତହସିଲରେ ୨୦୦୬ ମସିହାରୁ ୨୦୧୬ମସିହା ମଧ୍ୟରେ ୫କୋଟି ଟଙ୍କାର ଦୁର୍ନୀତି ହୋଇଥିବା ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟରୁ ପଦାକୁ ଆସିଥିଲା। ଏହି ଅର୍ଥ ତୋଷାରପାତ ନେଇ ଜିଲା ପ୍ରଶାସନ ଜାଣି ମଧ୍ୟ ଘଟଣାକୁ ଚପାଇ ଦେବାପାଇଁ ପ୍ରବଳ ଚେଷ୍ଟା କରିଥିଲା। ଏପରି କି ଜିଲା ପ୍ରଶାସନ ପକ୍ଷରୁ ପକ୍ଷରୁ କୌଣସି ଫୌଜଦାରୀ ମାମଲା ରୁଜୁ ହୋଇ ନ ଥିଲା। ଏନେଇ ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିବା ପରେ ଭିଜିଲାନ୍ସ ବିଭାଗ ପି.ଏସ୍ କେସ୍‌ନଂ ୧୯/୨୦୧୯ରେ ଏକ ମାମଲା ରୁଜୁ କରାଯାଇ ତତ୍କାଳୀନ ତହସିଲଦାର ଲକ୍ଷ୍ମୀଧର ମିଶ୍ର ଓ ନାଜିର ରଜତ ରାଉତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ଯାଜପୁର ତହସିଲରେ ଗତ ୧୦ବର୍ଷ ଧରି ୫କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ତାହା ଡିଡିଏ ଆକାଉଣ୍ଟରେ ଜମା କରାଯିବା ପରିବର୍ତ୍ତେ ନାଜିର ତାଙ୍କ ନିଜ ଆକାଉଣ୍ଟରେ ଜମା କରିଥିଲେ। ଏହି ଅନିୟମିତତା ଘଟଣାରେ ୯ଜଣ ତହସିଲଦାର, ୯ଜଣ ମୁଖ୍ୟ କିରାଣୀ ଓ ୪ଜଣ ନାଜିର ସମ୍ପୃକ୍ତ ଥିବା ଅଡିଟ୍ ରିପୋର୍ଟରୁ ଜଣାପଡ଼ିଥିଲା।

### ଦୁର୍ଘଟଣାରେ ଚାଷୀ ଗୁରୁତର

**ରସୁଲପୁର,୨୩।୭(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଦୈନିକ ପରିବାହାଟ ନିକଟରେ ମଙ୍ଗଳବାର ସକାଳ ସାଢେ ୭ଟାରେ ଏକ ଟ୍ରକ୍ ଧକ୍କାରେ ଜନୈକ ଚାଷୀ ହୃଷୀକେଶ ଦାସ(୪୦) ଗୁରୁତର ଆହତ ହୋଇଛନ୍ତି। ଆହତ ଚାଷୀଙ୍କୁ ପ୍ରଥମେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁର ଅଞ୍ଚଳର ଚାଷୀ ହୃଷୀକେଶ ଏକ ସ୍କୁଟିରେ ଭେଣ୍ଡି ବୋଝେଇ କରି ହାଟକୁ ବିକ୍ରି କରିବାକୁ ଆସୁଥିବା ସମୟରେ କୁଆଖିଆରୁ କଟକ ଆଡକୁ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା।

### ଚାଷୀ ସଚେତନତା ଶିବିର

**ରସୁଲପୁର,୨୩।୭(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିକଟରେ ମଙ୍ଗଳବାର ପନିପରିବା ମଞ୍ଜି କମ୍ପାନୀ ସେମିନିସ୍ ପକ୍ଷରୁ ଏକ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କମ୍ପାନୀ ପକ୍ଷରୁ ବିଶେଷକରି କୋବି, ବିନସ୍ ଓ ବିଲାତି ବାଇଗଣ ଚାଷ କରୁଥିବା ଶତାଧିକ ଚାଷୀଙ୍କୁ ଏକତ୍ରିତ କରି ବିଭିନ୍ନ କିସମର ମଞ୍ଜି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଉକ୍ତ ମଞ୍ଜିର ବ୍ୟବହାର ଓ ସେଥିରୁ ଲାଭବାନ ହେବାର ପ୍ରଣାଳୀ ସମ୍ପର୍କରେ କମ୍ପାନୀର ଅଧିକାରୀମାନେ ଚାଷୀମାନଙ୍କୁ ବୁଝାଇ କହିଥିଲେ। କମ୍ପାନୀ ପକ୍ଷରୁ ଟେରିଟୋରିଆଲ୍ ସେଲ୍ସ ମ୍ୟାନେଜର ଗଣେଶ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବରେ କମ୍ପାନୀର ସର୍ବଭାରତୀୟ ପ୍ରଡକ୍ଟ ମାନେଜର ଜିତେନ୍ଦ୍ର ଯୋଶୀ ଯୋଗଦେଇ ଚାଷୀମାନଙ୍କୁ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ହେଉଥିବା ମଞ୍ଜିର କିସମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

### ବର୍ଷା ଅଭାବରୁ ଫସଲ ହାନି ଆଶଙ୍କା
# ଜୁଲାଇ ୨୩ ସୁଦ୍ଧା ୬୯% କମ୍ ବର୍ଷା

**ଯାଜପୁର ଅଫିସ,୨୩।୭**



ଶ୍ରାବଣ ମାସକୁ ସପ୍ତାହ ବିତିଲାଣି। ତଥାପି ବର୍ଷାର ଦେଖାନାହିଁ। ଜୁନ ମାସରେ ଆବଶ୍ୟକଠାରୁ ୬ପ୍ରତିଶତ ଅଧିକ ବର୍ଷା ହୋଇଥିଲା। ଚାଷୀ ଏଥିରେ ଉତ୍ସାହିତ ହୋଇ ଚାଷ କାର୍ଯ୍ୟ ଜୋରସୋରରେ ଆରମ୍ଭ କରିଥିଲା। ଏପରି କି ଜୁଲାଇ ମାସରେ ଭଲ ଅସରାଏ ବର୍ଷା ହେବ ବୋଲି ଚାଷୀ ଆଶା ରଖିଥିଲା। ମାତ୍ର ବିଡ଼ମ୍ବନା ଯେ, ଜୁଲାଇ ମାସ ୨୩ ତାରିଖ ସୁଦ୍ଧା ମାସର ସ୍ୱାଭାବିକ ବର୍ଷାଠାରୁ ୬୯ପ୍ରତିଶତ କମ୍ ବର୍ଷା ହୋଇଛି। ଜୁଲାଇ ମାସରେ ଯାଜପୁର ଜିଲାରେ ହାରାହାରି ୩୫୦.୯ ମି.ମି. ବର୍ଷା ହେବା କଥା। କିନ୍ତୁ ହାରାହାରି ୧୧୦.୨୨ ମି.ମି. ବର୍ଷା ହୋଇଛି। ଯାହାଫଳରେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଅପରପକ୍ଷରେ ଜଳସେଚନର ଆବଶ୍ୟକ ସୁବିଧା ନ ଥିବାରୁ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଗତବର୍ଷ ଖରିଫ ଋତୁ ଧାନ ସଂଗ୍ରହ ଆଶାନୁରୂପ ହୋଇଥିଲେ ହେଁ ଅଭାବୀ ବିକ୍ରି ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ସେହି କ୍ଷୟକ୍ଷତି ଭରଣା ପାଇଁ ଚାଷୀ ଚଳିତବର୍ଷ ଅଣ୍ଟା ଭିଡ଼ିଥିବା ବେଳେ ବର୍ଷାଭାବରୁ ଧାନକିଆରିର ପଲା ପୋଡି ଯିବାର ଆଶଙ୍କା ଉପୁଜିଛି।

ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ଯାଜପୁର ଜିଲାରେ ୧,୪୨,୭୫୦ ହେକ୍ଟର ଜମିରେ ଖରିଫ ଚାଷ କାର୍ଯ୍ୟ କରିବାକୁ ନିର୍ଦ୍ଧାରଣ ହୋଇଛି। ଏହିକ୍ରମରେ ଅଧିକାଂଶ ଚାଷ ଜମିରେ ଧାନଚାଷ ଆରମ୍ଭ ହୋଇଛି। କିନ୍ତୁ ବର୍ଷାଭାବ ଏବଂ କେନାଲ ଯୋଜନାରୁ ଆବଶ୍ୟକ ପାଣିର ଅଭାବ ଚାଷ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିଛି। ମେଗା ଉଠାଜଳସେଚନ ପ୍ରକଳ୍ପ ପ୍ରତିଶ୍ରୁତିରେ ଅଟକି ରହିଛି। ଅଣଜଳସେଚିତ ଅଞ୍ଚଳରେ ତଳି ପକାଇବାରେ ଚାଷୀ ଅନୁକୂଳ ପାଗ ଏଯାବତ୍ ପାଇ ପାରି ନାହାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ବୃହତ୍ ଶିଳ୍ପ କାରଖାନାଗୁଡ଼ିକର ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଏସ୍‌ପିସିବିର କୌଣସି କର୍ତ୍ତୃତ୍ୱ ରହୁନାହିଁ। ଏସ୍‌ପିସିବି ଓ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଲାଗି ରହିଛି। ଫଳରେ ବିଷାକ୍ତ ଧୂଆଁ ପରିବେଶକୁ ଅସନ୍ତୁଳିତ କରି ପକାଉଛି। ଖଣି ଅଞ୍ଚଳରେ ଅବାଧ ବୃକ୍ଷଚ୍ଛେଦନ ଜଳବାୟୁ ପରିବର୍ତ୍ତନରେ ଅନ୍ୟ କାରଣ ହୋଇଛି। ଯଦ୍ୱାରା ବୃଷ୍ଟିପାତରେ ଘୋର ଅନିୟମିତତା ଦେଖାଦେଇଛି। ଜୁଲାଇ ମାସରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରକାଶ ଯେ, ଧାନ ଚାଷ ଓ ସମସ୍ତ ଅଣଧାନ ଚାଷ ପାଇଁ ଜିଲାରେ ଜାନୁୟାରୀ ମାସରେ ୧୨.୯ ମିଲିମିଟର, ଫେବୃୟାରୀରେ ୨୫.୧, ମାର୍ଚ୍ଚରେ ୨୮.୪, ଏପ୍ରିଲରେ ୪୬.୧, ମେ ମାସରେ ୯୩.୭, ଜୁନରେ ୨୩୮.୫, ଜୁଲାଇରେ ୩୫୦.୯, ଅଗଷ୍ଟରେ ୩୪୧.୨, ସେପ୍ଟେମ୍ବରରେ ୨୩୮, ଅକ୍ଟୋବରରେ ୧୪୦.୨, ନଭେମ୍ବରରେ ୪୧ ଓ ଡିସେମ୍ବର ମାସରେ ୩.୯ ମିଲିମିଟର ବର୍ଷା ହେବା ଆବଶ୍ୟକ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଚଳିତବର୍ଷ ଖରିଫ ଚାଷ ପାଇଁ ଜୁନ ମାସରେ ହାରାହାରି ୨୫୩.୭୨ ବର୍ଷା ହୋଇଥିବାବେଳେ ଜୁଲାଇ ମାସ ୨୩ତାରିଖ ସୁଦ୍ଧା ମାତ୍ର ହାରାହାରି ୧୧୦.୨୨ ମିମି ବର୍ଷା ହୋଇଛି। ଜିଲାର ବିଞ୍ଝାରପୁର, କୋରେଇ, ରସୁଲପୁର, ଧର୍ମଶାଳା ଓ ବରୀ ବ୍ଲକ ଅଞ୍ଚଳରେ ହାରାହାରି ୧୦୦ ମି.ମି. ପର୍ଯ୍ୟନ୍ତ ମଧ୍ୟ ଛୁଇଁ ପାରିନାହିଁ। ଏହାବାଦ ଯାଜପୁର ବ୍ଲକରେ ହାରାହାରି ୧୧୧ ମି.ମି., ଦଶରଥପୁର ବ୍ଲକରେ ୧୩୪ ମି.ମି., ଦାନଗଦୀ ବ୍ଲକରେ ୧୩୯ ମି.ମି., ସୁକିନ୍ଦା ବ୍ଲକରେ ୨୦୧ ମି.ମି., ଓ ବଡ଼ଚଣା ବ୍ଲକରେ ୧୦୪ ମି.ମି. ବର୍ଷା ରେକର୍ଡ ହୋଇଛି। ମାସର ୧୪, ୧୫, ୧୬, ୧୭ ଓ ୨୨ ତାରିଖରେ ବୁନ୍ଦାଏ ବି ବର୍ଷା ହୋଇନାହିଁ। ସାଧାରଣତଃ ଜୁନ୍, ଜୁଲାଇ ଓ ଅଗଷ୍ଟ ମାସର ବର୍ଷା ଉପରେ ଧାନ ଚାଷ ନିର୍ଭର କରିଥାଏ। କିନ୍ତୁ ଏହି ଆକଳନ ଅନୁସାରେ ଚଳିତ ବର୍ଷ ଆରମ୍ଭରୁ ବର୍ଷା ଧୋକା ଦେଇଛି।

ଏସଂକ୍ରାନ୍ତରେ କୃଷି ଉପ-ନିର୍ଦ୍ଦେଶକ ଶରତ କୁମାର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି ଏ ପର୍ଯ୍ୟନ୍ତ ଚାଷରେ ସେଭଳି କୌଣସି କ୍ଷତି ହୋଇନାହିଁ। ହେଲେ ଆସନ୍ତା ୩/୪ ଦିନ ମଧ୍ୟରେ ଭଲ ଅସରାଏ ବର୍ଷା ନ ହେଲେ ପରିସ୍ଥିତି ସଙ୍ଗୀନ ହୋଇପାରେ।

**୪ ଦିନ ମଧ୍ୟରେ ବର୍ଷା ନ ହେଲେ ପରିସ୍ଥିତି ସଙ୍ଗୀନ**

### ଗୋରୁ ବୋଝେଇ ଗାଡି ଦୁର୍ଘଟଣା ମାମଲା
## ଗୋରୁ ମାଲିକ କୋର୍ଟ ଚାଲାଣ

**ଧର୍ମଶାଳା,୨୩।୭(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ରଥିଆଠାରେ ଗୋରୁ ଗାଡି ଦୁର୍ଘଟଣାରେ ମଙ୍ଗଳବାର ମାଲିକ ସେକ୍ ଜାବରକୁ ପୋଲିସ କୋର୍ଟ ଚାଲାଣ କରିଛି। ସୋମବାର ପୋଲିସ ଦୁର୍ଘଟଣାପରେ ଗାଡିକୁ ଜବତ କରିବା ସହ ଗୋଚାଲାଣ କରୁଥିବା ମାଲିକ ଜାବରକୁ ଥାନାରେ ଅଟକ ରଖିଥିଲା। ଏଥିସହ ଏକ ମାମଲା (ନଂ.୨୯୫/୧୯)ରୁଜୁ କରିଥିଲା। ପ୍ରକାଶ ଯେ, ୧୬ନମ୍ବର ଜାତୀୟ ରାଜପଥ ପ୍ରସସ୍ତୀକରଣ ପାଇଁ ରଥିଆ ନିକଟରେ ରାସ୍ତା ବନ୍ଦ ଥିବା ବେଳେ ଗାଡି ଡ୍ରାଇଭର ଜାଣି ନ ପାରି ଭାରସାମ୍ୟ ହରାଇ ବସିଥିଲେ। ଫଳରେ ୧୦ଫୁଟ ତଳକୁ ଗାଡି ଓଲଟି ପଡିଥିଲା। ଏଥିରେ ଥିବା ୪୫ଟି ଗୋରୁ ଓ ଷଣ୍ଢ ମଧ୍ୟରୁ ୨୦ଟି ମୃତ୍ୟୁ ବରଣ କରିଥିବା ବେଳେ ଅବଶିଷ୍ଟ ଗୋରୁଙ୍କ ପତ୍ତା ମିଳିପାରି ନ ଥିଲା। ଏହାକୁ ନେଇ ଜିଲା ବଜରଙ୍ଗଦଳ ପକ୍ଷରୁ ଧର୍ମଶାଳା ଥାନାରେ ଧାରଣା ଦିଆଯାଇଥିଲା।

## ବରୀ ଅଞ୍ଚଳ ପରିଦର୍ଶନ କଲେ ଜଳସମ୍ପଦ ବିଭାଗ ଉପଦେଷ୍ଟା କମିଟି

**ବରୀ,୨୩।୭(ସ୍ୱ.ପ୍ର.)**



ଉପଦେଷ୍ଟା କମିଟି କର୍ମକର୍ତ୍ତା ବରୀ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ଜଳସମ୍ପଦ ବିଭାଗର ଉପଦେଷ୍ଟା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ମଙ୍ଗଳବାର ବରୀ ଅଞ୍ଚଳର ବିଭିନ୍ନ ବନ୍ଧ, ବାଡ, ନାଳ, ଚାଷ ଜମି, ଉଠା ଜଳସେଚନର କ୍ଷେତ୍ର ପରିଦର୍ଶନ କରି ଫେରିଥିବା ଜଣାପଡିଛି। ବରୀ ଏକ ବନ୍ୟା ପ୍ରପୀଡିତ ଅଞ୍ଚଳ ହୋଇଥିବାରୁ ନଦୀର ବନ୍ଧବାଡ ସୁରକ୍ଷିତ ପାଇଁ ଜଳ ସମ୍ପଦ ବିଭାଗ ସଚିବ ପ୍ରଦୀପ ଜେନାଙ୍କ ସହ ବରୀ ବିଧାୟିକା ସୁନନ୍ଦା ଦାସ ଆଲୋଚନା କରିଥିଲେ। ଏ ନେଇ ଜଳସମ୍ପଦ ବିଭାଗ ସଚିବ ଜେନାଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଜଳସମ୍ପଦ ବିଭାଗ ଉପଦେଷ୍ଟା ଶତ୍ରୁଘ୍ନ ଦାସ, ଯାଜପୁର ଡିଭିଜନର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ, ଡ୍ରେନେଜ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଚଣ୍ଡି ପ୍ରସାଦ ମହାପାତ୍ର, କ୍ଷୁଦ୍ର ଜଳସେଚନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ବାରିକ, ସହକାରୀ ଯନ୍ତ୍ରୀ ଅଭିରାମ ବେହୁରିଆ, ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଅନଙ୍ଗ ଭୀମ ଦେଓ, ବରୀ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀ ଟିମରେ ସାମିଲ ଥିଲେ। ବାଇଁସିରିଆ-କଡିକମା ନଦୀବନ୍ଧ, ରଜାପୁର-ବାଦୁଡି ଘାଇ ନଦୀବନ୍ଧ, ବନ୍ଧ ଡିଅ ଆଖୁଆ ନାଳ ଆଦି ପରିଦର୍ଶନ କରିଥିଲାବେଳେ ଗମୁ ପର୍ଯ୍ୟନ୍ତ ୨୦ କିମି ନାଳ ପୁନରୁଦ୍ଧାର କରାଯିବ ବୋଲି କହିଥିଲେ। ନାଳ ପୁନରୁଦ୍ଧାର ହେଲେ ୧୦ ପଞ୍ଚାୟତର ୩୦ ହଜାର ଚାଷୀ ଉପକୃତ ହୋଇପାରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରତିନିଧି ଦଳଙ୍କ ସହ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ସରପଞ୍ଚ ବିଜୟ ଦାସ, ପ୍ରଦୀପ ଦାସ, ରାକେଶ ଦେଓ, ଅତର ଅଲି, ବିକ୍ରମ ନାୟକ ପ୍ରମୁଖ ସାମାଜିକ କର୍ମୀ ସାମିଲ ହୋଇଥିଲେ।

## ନାବାଳିକା ଉଦ୍ଧାର ଯୁବକ କୋର୍ଟ ଚାଲାଣ

**ଧର୍ମଶାଳା/ଜେନାପୁର, ୨୩।୭(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଗତ ବର୍ଷ ଜୁନ୍ ୧୮ରେ ପରିବାରଲୋକେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (୧୫୯/୧୮) ଆଧାରରେ ସୋମବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ବରମୁଣ୍ଡଳୀ ଗ୍ରାମର ମେଘନାଦ ଦଳେଇ(୨୦)। ମଙ୍ଗଳବାର ଉଭୟଙ୍କୁ ଡାକ୍ତରୀମାଇନା ପରେ ଯାଜପୁର କୋର୍ଟରେ ହାଜର କରାଯାଇଥିଲା। ନାବାଳିକାଙ୍କୁ ସ୍ୱଧାରଗୃହରେ ଛଡାଯାଇଛି। ଅଭିଯୁକ୍ତ ମେଘନାଦଙ୍କୁ ଯାଜପୁର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କହଛନ୍ତି।

### ପ୍ରଥମାଖଣ୍ଡି ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ
## ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ରସୁଲପୁର,୨୩।୭(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତରେ ୨୦୧୮-୧୯ ଆର୍ଥିକ ବର୍ଷରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏଦିଗରେ ବ୍ଲକ ପ୍ରଶାସନ ସହଯୋଗ କରୁ ନାହିଁ ବୋଲି ଅଭିଯୋଗ କରି ଫକୀର ମୋହନ ରାଉତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଆମରଣ ଅନଶନରେ ବସିଥିଲେ। ଏହା ଦେଖି ବିଡିଓ ଉମାକାନ୍ତ ପରିଡା ପ୍ରଥମାଖଣ୍ଡି ସରପଞ୍ଚ ଚିନ୍ତାମଣି ସୁରଙ୍କୁ ଡକାଇଥିଲେ। ବିଡିଓ ପରିଡା, ସରପଞ୍ଚ ଅନଶନରତ ଫକୀରଙ୍କ ସହ ଆଲୋଚନା କରି ଆସନ୍ତା ୩ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଫକୀର ଅନଶନ ଭଙ୍ଗ କରିଥିବା ବିଡିଓ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପ୍ରଥମାଖଣ୍ଡି ପଞ୍ଚାୟତରେ ଗତ ଆର୍ଥିକ ବର୍ଷରେ ଆନୁମାନିକ ୪୦ଲକ୍ଷ ଟଙ୍କାର ଅର୍ଥ ବ୍ୟୟ ନ ହୋଇ ପଡ଼ି ରହିଛି। ପ୍ରଶାସନିକ ଅଧିକାରୀ ଓ ସରପଞ୍ଚଙ୍କ ଆନ୍ତରିକତାର ଅଭାବ ଯୋଗୁ ଏ ସବୁ କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିବାରୁ ଲୋକମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟି ଦେଇ ଫକୀର ବିଭିନ୍ନ ସମୟରେ ପଞ୍ଚାୟତକୁ ଅବଗତ କରାଇ ଆସୁଥିଲେ। ଏପରି କି ଗତ ୧୫ତାରିଖରେ ରସୁଲପୁର ବିଡିଓଙ୍କୁ ଏନେଇ ଜଣାଇବା ସହ ଆସନ୍ତା ୮ଦିନ ମଧ୍ୟରେ ସମସ୍ୟା ସମାଧାନ ଦାବି କରିଥିଲେ। ଏଥିସହ ସମାଧାନ ନ ହେଲେ ଆମରଣ ଅନଶନରେ ବସିବେ ବୋଲି ଜଣାଇଥିଲେ।

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷୁଦ୍ର ଉଦ୍ୟୋଗୀ ଋଣ କର୍ମଶାଳା

**ଯାଜପୁର ଅଫିସ,୨୩।୭**

ବ୍ୟାସନଗରଠାରେ ଥିବା ଏକ ହୋଟେଲରେ ମଙ୍ଗଳବାର ୟୁନିୟନ ବ୍ୟାଙ୍କ ତରଫରୁ କ୍ଷୁଦ୍ର ଉଦ୍ୟୋଗୀକରଣ କର୍ମଶାଳା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଞ୍ଚଳିକ ମୁଖ୍ୟ(ଡିଜିଏମ) ରୂପଲାଲ ମିନା, ଏଜିଏମ କେ.ଡି. ଗୁପ୍ତା, ଏଲ୍‌ଡିଏମ୍ ଦିଲୀପ ପତି, ଯାଜପୁରରୋଡ ବ୍ୟାଙ୍କ ପ୍ରବନ୍ଧକ ସନ୍ତୋଷ କୁମାର ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାସହ ଯାଜପୁରରୋଡ ବ୍ୟାଙ୍କ ପ୍ରବନ୍ଧକଙ୍କ ସହିତ ଯାଜପୁର ଜିଲାର ଅନ୍ୟ ୬ଟି ଶାଖାର ପ୍ରବନ୍ଧକମାନେ ଉପସ୍ଥିତ ଥିଲେ। ସାରା ଦେଶରେ ୮୦ଟି ଜିଲାରେ କ୍ଷୁଦ୍ର ଉଦ୍ୟୋଗୀକୁ ପ୍ରୋତ୍ସାହନ ଦିଆଯିବ। ଏହା ମଧ୍ୟରୁ ଓଡ଼ିଶାର ୪ଟି ଜିଲା ପୁରୀ, ଜଗତ୍‌ସିଂପୁର, କଟକ ଓ ଯାଜପୁର ଅର୍ନ୍ତଭୁକ୍ତ। ୟୁନିୟନ ବ୍ୟାଙ୍କ ଏହି ବର୍ଷ ତାର ୧୦୦ତମ ବାର୍ଷିକ ଉତ୍ସବ ପାଳନ କରୁଛି ବୋଲି ସୂଚନା ଦିଆଯାଇଛି।

## ଶ୍ରମ ବିଭାଗ ଦ୍ୱାରସ୍ଥ ହେଲେ ଛଟେଇ ଶ୍ରମିକ

**କଳିଙ୍ଗନଗର,୨୩।୭(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ ଭିସା କାରଖାନାରେ ଠିକାସଂସ୍ଥା ଅଧୀନରେ କାର୍ଯ୍ୟକରୁଥିବା ୪୪ ଶ୍ରମିକ ବକେୟା ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷେ ଶ୍ରମିକମାନେ ବକେୟା ଦରମା ମାଗିଲେ ସେମାନଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ବାବଦରେ ଶ୍ରମ ବିଭାଗ ନିକଟରେ ଅଭିଯୋଗ ହେଶଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ଏହାକୁ ନେଇ ମଙ୍ଗଳବାର ଶ୍ରମିକ ଚଗଲା ପେରେଇ ଓ ଗଜେନ୍ଦ୍ର ଜେନାଙ୍କ ନେତୃତ୍ୱରେ ସମସ୍ତ ଶ୍ରମିକ ସହକାରୀ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କୁ ଭେଟିଥିବା ଜଣାପଡିଛି। ପ୍ରକାଶ ଯେ, ଏମ୍.ବି. ଲଜେଷ୍ଟିକ୍ ଠିକା ସଂସ୍ଥା ଅଧୀନରେ ୧।୩।୧୧ରୁ ୩୧।୩।୧୯ ପର୍ଯ୍ୟନ୍ତ କାମ କରୁଥିବା ଶ୍ରମିକଙ୍କ ଗେଟ୍‌ପାସ୍ ଗତ ମାର୍ଚ୍ଚ ୩୧ରେ ବନ୍ଦ କରାଯାଇଥିଲା। କାରଖାନାରେ ଠିକା ସଂସ୍ଥାର ଅବଧୀ ସରିଯାଇଥିବାରୁ କାରଖାନା କର୍ତ୍ତୃପକ୍ଷ ଏପରି କରିଥିବା ଠିକାଦାର ଶ୍ରମିକଙ୍କୁ କହିଥିଲେ।

**ମିଳୁନି ବକେୟା ଦରମା**

କିନ୍ତୁ ଚଳିତ ବର୍ଷ ଏପ୍ରିଲ ୪ ତାରିଖରୁ ଠିକା ସଂସ୍ଥା କାରଖାନା କର୍ତ୍ତୃପକ୍ଷଙ୍କଠାରୁ ପୁନର୍ବାର ନୂତନ କାର୍ଯ୍ୟର ଠିକାଦାରୀ ନେଇଥିବା ଶ୍ରମିକମାନେ ଜାଣିବାକୁ ପାଇ ପୂର୍ଣ୍ଣ ଦରମା ଦାବିରେ କାରଖାନା ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। କିନ୍ତୁ ଠିକାଦାରଙ୍କ ସମର୍ଥକ ଶ୍ରମିକଙ୍କ ଧାରଣାରୁ ଉଠିବାକୁ କହିଥିଲେ। ଶ୍ରମିକମାନେ ଜିଦ୍‌ରେ ଅଟଳ ରହିବାରୁ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକଦେଇ ଧାରଣାକୁ ପ୍ରତ୍ୟାହାର କରିଥିଲେ। ଏହା ପରେ ମଧ୍ୟ ବହୁବାର ଠିକାସଂସ୍ଥା ନିକଟରେ ବକେୟା ଦରମା ପାଇଁ ଦାବି ହୋଇଛି। ହେଲେ କୌଣସି ସୁଫଳ ମିଳିପାରି ନ ଥିଲା। ତେଣୁ ଶ୍ରମିକମାନେ ଗତ ମେ ୭ ତାରିଖରେ ଶ୍ରମବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସହାକାରୀ ଶ୍ରମ ଅଧିକାରୀଙ୍କୁ ପଚାରିବାରୁ, ୩୨ଜଣ ଶ୍ରମିକଙ୍କ ପ୍ରାପ୍ୟ ବାବଦକୁ ୫୮ ଲକ୍ଷ ୬୮ ହଜାର ୫୬୦ ଟଙ୍କା ଓ ୧୨ ଜଣ ଶ୍ରମିକଙ୍କ ୨୨ଲକ୍ଷ ୨୩ହଜାର ୬ଶହ ଟଙ୍କା ବାକି ଅଛି। ଏ ବାବଦରେ କମ୍ପାନୀ କର୍ତ୍ତୃପକ୍ଷ ଓ ଠିକାଦାରଙ୍କୁ ଡକାଯାଇ ଆଲୋଚନା କରାଯାଇଛି। ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଟାଟା ଷ୍ଟିଲ୍ ଖଣିକୁ ୨୦ ପୁରସ୍କାର

**ଯାଜପୁର ଅଫିସ,୨୩।୭**



ଅତିଥିଙ୍କଠାରୁ ଟାଟା ଷ୍ଟିଲ୍ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଟାଟା ଷ୍ଟିଲ ମାଇନିଂ ଡିଭିଜନର ଓର ମାଇନ୍ସ ଓ କ୍ୱାରି(ଓଏମକ୍ୟୁ) ଏବଂ ଫେରୋ ଆଲୟେଜ ଓ ମିନରାଲ୍ସ ବିଭାଗ (ଏଫ୍‌ଏଏମ୍‌ଡି)କୁ ପରିବେଶ ପରିଚାଳନା ଓ ଖଣିଜ ସଂରକ୍ଷଣରେ ଉତ୍କର୍ଷ ଅବଦାନ ପାଇଁ ୨୦ଟି ପୁରସ୍କାରରେ ସମ୍ମାନିତ କରାଯାଇଛି। ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ୨୧ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହର ଉଦ୍‌ଯାପନୀ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ, ଆଇବିଏମ୍ ବିଭାଗର ଅତିରିକ୍ତ ସଚିବ ଓ କଣ୍ଟ୍ରୋଲର ଜେନେରାଲ (ଆଇ/ସି) କେ. ରାଜେଶ୍ୱର ରାଓ ମୁଖ୍ୟ ଅତିଥି, ଓଡ଼ିଶା ସରକାରଙ୍କ ଖଣି ନର୍ଦ୍ଦେଶକ ଦୀପକ ମହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟସଚିବ ଦେବୀଦତ୍ତ ବିଶ୍ୱାଳ, ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ, ଆଇବିଏମ୍ ବିଭାଗର ସିଓଏମ୍ ପିୟୁଶ ନାରାୟଣ ଶର୍ମା ଓ କଣ୍ଟ୍ରୋଲର ଅଫ ମାଇନ୍ସ (ଇଜେଡ) ପଙ୍କଜ କୁଲ ପ୍ରମୁଖ ଉପସ୍ଥିତ ଥିଲେ। ସୁକିନ୍ଦା ଖଣି ମୁଖ୍ୟ ରାଜେଶ ପଟେଲଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ଅତିଥିମାନଙ୍କ ନିକଟରୁ ଉକ୍ତ ପୁରସ୍କାର ଗୁଡ଼ିକ ଗ୍ରହଣ କରିଥିଲେ। ଓଏମ୍‌କ୍ୟୁ ଅନ୍ତର୍ଗତ ଯୋଡ଼ା ପୂର୍ବ ଲୌହ ଖଣି ଓ କାଟାମାଟି ଲୌହ ଖଣିକୁ ୬ଟି ପୁରସ୍କାର, ଏଫଏଏମ୍‌ଡି ବିଭାଗ ଅନ୍ତର୍ଗତ ଯୋଡ଼ା ପଶ୍ଚିମ ଲୌହ ମାଙ୍ଗାନିଜ, ବାମେବାରୀ ଲୌହ ଓ ମାଙ୍ଗାନିଜ ଖଣି, ଟ୍ରିରିଙ୍ଗ ପାହାଡ଼ ଲୌହ ଓ ମାଙ୍ଗାନିଜ ଖଣି ଓ ସୁକିନ୍ଦା କ୍ରୋମାଇଟ ଖଣିକୁ ମୋଟ ୧୪ଟି ପୁରସ୍କାର ମିଳିଛି। ଟାଟାଷ୍ଟିଲକୁ ବିଭିନ୍ନ ବିଭାଗ ଯଥା ସାମଗ୍ରିକ ପ୍ରଦର୍ଶନ, ଯୋଜନାବଦ୍ଧ ଓ ବୈଜ୍ଞାନିକ ବିକାଶ, ଭୂମି ସୁଧାର ଓ ପୁନର୍ବାସ, ଖଣିଜ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା, ଖଣିଜର ଲାଭ, ପ୍ରଚାର ଏବଂ ପ୍ରସାର ଭଳି କ୍ଷେତ୍ରରେ ପୁରସ୍କୃତ କରାଯାଇଛି।

**ପରିବେଶ ପରିଚାଳନାରେ ଉତ୍କର୍ଷ ଅବଦାନ**

## ହୋଇପାରୁନି ଡ୍ରେନ୍ ନିର୍ମାଣ, ଜଳ ନିଷ୍କାସନରେ ସମସ୍ୟା

**ଯାଜପୁରରୋଡ,୨୩।୭(ନି.ପ୍ର.)**



ବ୍ୟାସନଗର ପୌର ପରିଷଦରେ ଲୋକେ ଜାଗା କିଣି ଘର କରୁଛନ୍ତି। ପୌର ପରିଷଦ ଓ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ (କେଏନ୍‌ଡିଏ)ଠାରୁ ପ୍ଲାନିଂ ନ ଆଣି ମନଇଚ୍ଛା ଘର କରୁଥିବାରୁ ଡ୍ରେନ୍ ନିର୍ମାଣ ପାଇଁ ଜାଗାର ଅଭାବ ରହୁଛି। ବିଶେଷକରି ୧୫ ଓ ୧୬ ନଂ. ୱାର୍ଡର ପରମେଶ୍ୱର ନାୟକଙ୍କ ଗଳି ରାସ୍ତାକୁ ଲାଗି ଘରଗୁଡିକ ନିର୍ମାଣ ହେବା ସହ ବାଉଣ୍ଡରୀ ମଧ୍ୟ କରାଯାଇଛି। ଡ୍ରେନ୍ ନ ଥିବାରୁ ବର୍ଷାଦିନେ ଜଳ ନିଷ୍କାସନରେ ସମସ୍ୟା ହେଉଛି। ରାସ୍ତା ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳୁଛି। ବର୍ଷାଜଳଗୁଡିକ ପଚି ଦୁର୍ଗନ୍ଧ ହେଉଛି। ଲୋକେ ଦୂଷିତ ଜଳରେ ଯାତାୟାତ କରିବା ଯୋଗୁ ଚର୍ମରୋଗର ଶିକାର ହେଉଛନ୍ତି। ସେହି ୱାର୍ଡରେ ଡ୍ରେନ୍ କରିବା ପାଇଁ ପୌର ପରିଷଦ ପକ୍ଷରୁ ଯୋଜନା କରାଯାଇଥିଲେ ମଧ୍ୟ ଲୋକେ ଜାଗା ଛାଡୁନାହାନ୍ତି। ଏହି ୱାର୍ଡର କେତେଜଣ ମୁଷ୍ଟିମେୟ ଲୋକ ଏପରି ମନୋଭାବ ପୋଷଣ କରୁଥିବାରୁ ସମସ୍ତ ୱାର୍ଡବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଛାତ୍ରୀଛାତ୍ର ସ୍କୁଲ ଯିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନବାହନ ଯାତାୟାତରେ ବାଧା ସୃଷ୍ଟି ହେଉଛି। ୧୫ ନଂ. ୱାର୍ଡର ପୂର୍ବତନ କାଉନସିଲର କିରଣ ଜେନାଙ୍କ ନେତୃତ୍ୱରେ ୱାର୍ଡବାସୀ ମଙ୍ଗଳବାର ପୌର ପରିଷଦ ନିର୍ବାହୀ ଅଧିକାରୀ ସପନ ନନ୍ଦଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ନିର୍ବାହୀ ଅଧିକାରୀ ନନ୍ଦ ମୁଖ୍ୟରାସ୍ତାକୁ କାଟି ହ୍ୟୁମ୍ ପାଇପ୍ ଜରିଆରେ ଜଳ ନିଷ୍କାସନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ୱାର୍ଡରେ ଡ୍ରେନ୍ ନିର୍ମାଣ ପାଇଁ ପୂର୍ବତନ କାଉନସିଲରଙ୍କ ପକ୍ଷରୁ ପକ୍ଷରୁ ଅଭିଯୋଗ ହୋଇଥିଲା। ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀ ୱାର୍ଡ ପରିଦର୍ଶନରେ ଆସି ନକ୍ସା ପ୍ରସ୍ତୁତ କରିଥିଲେ। କିନ୍ତୁ ଲୋକେ ଜାଗା ନ ଛାଡ଼ିବାରୁ ଡ୍ରେନ୍ ନିର୍ମାଣ ହୋଇପାରିଲା ନାହିଁ। ଏ ସମ୍ପର୍କରେ ପୌର ପ୍ରଶାସକ ତଥା ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଲୋକେ ଜାଗା ଛାଡ଼ିଲେ ଡ୍ରେନ୍ ନିର୍ମାଣ କରାଯିବ ବୋଲି ପ୍ରଶାସକ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ନନ୍ଦଙ୍କୁ ପଚାରିବାରୁ, ଏହି ୱାର୍ଡରେ ଘର ନିର୍ମାଣର ପ୍ଲାନିଂ ନ ଦେବାକୁ କେଏନଡିଏକୁ ଚିଠି ଲେଖାଯାଇଛି। ବର୍ତ୍ତମାନ ମୁଖ୍ୟରାସ୍ତାକୁ କାଟି ହ୍ୟୁମ୍ ପାଇପ୍ ଜରିଆରେ ଜଳ ନିଷ୍କାସନ କରିବା ପାଇଁ ପୌର ପରିଷଦ ପକ୍ଷରୁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

**■ରାସ୍ତା ଉପରେ ଚାଲୁଛି ପାଣି**
**■ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ**



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



# ୬ ବର୍ଷରେ ୩,୨୫୫ ଡେଙ୍ଗୁ ଆକ୍ରାନ୍ତ

**ଯାଜପୁର ଅଫିସ,୨୩।୭**

ଯାଜପୁର ଜିଲାରେ କଠିନ ବର୍ଜ୍ୟବସ୍ତୁ ପରିବେଶ ଉପରେ ଭାରି ହେଉଛି। ପରିସ୍ଥିତି ଏପରି ହୋଇଛି ଯେ, ଜିଲାର ସବୁଆଡ଼େ ଗଦା ଗଦା ମଇଳା ଆବର୍ଜନା। ଦୀର୍ଘଦିନ ଧରି ଡ୍ରେନ୍‌ଗୁଡ଼ିକ ସଫା ହେଉନାହିଁ। ଆଉ ଏଡିସ ମଶା ପାଇଁ ଏହି ବିପର୍ଯ୍ୟସ୍ତ ପରିମଳ ପ୍ରକୃଷ୍ଟ ସ୍ଥାନ ପାଲଟିଛି। ବର୍ଷା ମାସ ଆସିଲେ ସାରା ରାଜ୍ୟରେ ଡେଙ୍ଗୁ ଆତଙ୍କ। ଗତ ୬ବର୍ଷ ମଧ୍ୟରେ ଜିଲାରେ ୩,୨୫୫ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଜିଲାରେ ୨୦୧୪ ରେ ଡେଙ୍ଗୁ ପଜିଟିଭ ସଂଖ୍ୟା ୧,୮୫୦ ଥିବାବେଳେ ୨୦୧୫ ରେ ୨୧୩, ୨୦୧୬ ରେ ୫୪୧ ଜଣ, ୨୦୧୭ ରେ ୩୭୩ ଜଣ, ୨୦୧୮ ରେ ୨୬୦ ଜଣ ଓ ୨୦୧୯ ରେ ବର୍ତ୍ତମାନ ସୁଦ୍ଧା ୧୮ଜଣଙ୍କ ରକ୍ତ ପରୀକ୍ଷାରେ ପଜିଟିଭ ବାହାରିଛି। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାହ୍ନୁଚରଣ ନାୟକଙ୍କ ସୂଚନା ମୁତାବକ ଚଳିତ ବର୍ଷ ଚିହ୍ନଟ ୧୮ଜଣଙ୍କ ମଧ୍ୟରୁ ଜିଲା ସଦର ମହକୁମାର ରକ୍ତ ପରୀକ୍ଷା ବା ଏଲିସା ଟେଷ୍ଟ ମାଧ୍ୟମରେ ୫ଜଣ ଓ କଟକ ବଡ଼ ମେଡିକାଲରେ ୧୩ ଜଣଙ୍କ ରକ୍ତ ପରୀକ୍ଷାରୁ ପଜିଟିଭ ଜଣାପଡ଼ିଛି । ତେବେ ଏହି ୧୮ ଜଣଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ଅନ୍ୟ ୧୭ ଜଣ ରାଜ୍ୟ ବାହାରୁ ଆକ୍ରାନ୍ତ ହୋଇ ଜିଲାକୁ ଆସିଛନ୍ତି । ଏହି ରୋଗୀମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ମାଧ୍ୟମରେ ସୁସ୍ଥ କରାଯାଇଛି ଓ ସେହି ଅଞ୍ଚଳରେ ଯେପରି ଏହା ନ ବ୍ୟାପେ ତାହାର ବ୍ୟବସ୍ଥା ମଧ୍ୟ ନିଆଯାଇଛି ବୋଲି ନାୟକ ପ୍ରକାଶ କରିଛନ୍ତି।

ବିଶେଷକରି ଜିଲାର ଦୁଇ ପୌରାଞ୍ଚଳ ବ୍ୟାସନଗର ଓ ଯାଜପୁର ସହର ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳରେ ପରିମଳ ବ୍ୟବସ୍ଥାର ପରିଚାଳନା ଠିକ୍ ହେଉ ନ ଥିବାବେଳେ ସହରବାସୀଙ୍କ ପାଇଁ ଏବେ ବିପଦର କାରଣ ହେଉଛି। ଏହାଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଉଥିବାବେଳେ ଉଭୟ ପ୍ରାଣୀ ଓ ଉଦ୍ଭିଦ ପ୍ରଭାବିତ ହେଉଛନ୍ତି। ସହରର ୯୯ ପ୍ରତିଶତ ଅଞ୍ଚଳରେ ନିୟମିତ ସଫେଇ କାର୍ଯ୍ୟ ହେଉ ନାହିଁ। ଅନେକସ୍ଥାନରେ ପାଣି ଜମି ରହୁଛି। ସହରର ଗଳିକନ୍ଦି, ରାସ୍ତାକଡ଼ରେ ଗୁଟ୍‌ଖା ଓ ଅନ୍ୟାନ୍ୟ ପାନୀୟ ଭର୍ତ୍ତି ପ୍ଲାଷ୍ଟିକ ପାଉଚ ବହୁଳ ପରିମାଣରେ ଦେଖିବାକୁ ମିଳୁଛି। ତେଲ, ଅଟା ଆଦି ଖାଉଟି ଦ୍ରବ୍ୟ ଆସୁଥିବା ପ୍ଲାଷ୍ଟିକ ଜରିକୁ ଫୋପାଡି ଦିଆଯାଉଛି। ଶୋଷ ମେଣ୍ଟାଉଥିବା ପାଣି ପାଉଚଗୁଡ଼ିକୁ ମଧ ଏପଟେ ସେପଟେ ଫୋପାଡି ଦିଆଯାଉଛି । ପଇଡ ପାଣି ପିଇ ସେହି ତାକୁ ରାସ୍ତା କଡ଼ରେ ପକେଇ ଦିଆଯାଉଛି । ଏହି ଦୂଷିତ ପରିବେଶର ସୁଯୋଗ ନେଇ ବିଭିନ୍ନ ପ୍ରକାରର ମଶାର ସଂଖ୍ୟା ବୃଦ୍ଧି ହେଉଛି। ପ୍ଲାଷ୍ଟିକ ଜାଗାରେ ଥିବା ଦୂଷିତ ପାଣିରେ ଏଡିସ ମଶା ସଂଖ୍ୟା ବୃଦ୍ଧି ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି। ଏପରିସ୍ଥଳେ ଯାଜପୁର ଓ ବ୍ୟାସନଗର ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯେ, ଡେଙ୍ଗୁ ଜ୍ୱରକୁ ଆମନ୍ତ୍ରଣ କରୁଛି ଏଥିରେ ଦ୍ୱିମତ ନାହିଁ। ଡେଙ୍ଗୁ ଏକ ଭୂତାଣୁ ଜନିତ ରୋଗ। ତେବେ ଏହାଦ୍ୱାରା ଆକ୍ରାନ୍ତ ହେଲେ ଏହାର ଚିକିତ୍ସା ପାଇଁ ନିର୍ଦ୍ଦିଷ୍ଟ ନଥିବାରୁ ଏହା ମାରାତ୍ମକ ଓ ଜୀବନ ନାଶକ ହୋଇଥାଏ। ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଡେଙ୍ଗୁ ପ୍ରତିରୋଧ ମାସ ଓ ଡେଙ୍ଗୁ ନିୟନ୍ତ୍ରଣ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ଏଡିଏମ୍‌ଓ ରୁଦ୍ରପ୍ରତାପ କର ଯୋଗଦେଇ ବିଭିନ୍ନ ସଚେତନତା ମାଧ୍ୟମରେ ଡେଙ୍ଗୁ ରୋଗର ପ୍ରତିକାର ବ୍ୟବସ୍ଥା ହୋଇ ପାରିବ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରଶ୍ମି ପ୍ରକାଶ ଶତପଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ନିଜ ଘର ବା ପରିସରରେ ଅଯଥା ପାଣି ଜମିବାକୁ ନ ଦେବା, ନିୟମିତ କୁଲର, ଫୁଲକୁଣ୍ଡ, ଅନ୍ୟାନ୍ୟ ଜଳ ଗଚ୍ଛିତ ସାମଗ୍ରୀ ଗୁଡ଼ିକୁ ପରିଷ୍କାର ଓ ଶୁଷ୍କ ରଖିଲେ ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ମତ ଦେଇଥିଲେ । ତେବେ ବୈଠକରେ ଜିଲାର ଶିଳ୍ପ କାରଖାନାର ପ୍ରତିନିଧିମାନେ ଅନୁପସ୍ଥିତ ରହିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

**ଯାଜପୁର ଜିଲା**

- ବିପର୍ଯ୍ୟସ୍ତ ପରିମଳ ମୁଖ୍ୟକାରଣ
- ବର୍ଷା ମାସରେ ଚିନ୍ତା ବଢ଼ାଉଛି
- ଡେଙ୍ଗୁ ନିୟନ୍ତ୍ରଣ ଟାସ୍କଫୋର୍ସ ବୈଠକରେ ଶିଳ୍ପ ସଂସ୍ଥା ପ୍ରତିନିଧି ଅନୁପସ୍ଥିତ

## ସଂକ୍ଷେପରେ

### ଜମିରୁ ବାଡ଼ ଉପାଡ଼ିବାକୁ ନେଇ ବୃଦ୍ଧଙ୍କୁ ଆକ୍ରମଣ

ଚଣ୍ଡିଖୋଲ,୨୩।୭(ଡି.ଏନ.ଏ.)- ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଜମିରୁ ବାଡ଼ ଉପାଡ଼ିବାକୁ ନେଇ ସୋମବାର ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଭରତପୁର ଗ୍ରାମର ନିର୍ମଳ କୁମାର ସାମଲ ତାଙ୍କ ଘରପାଖ ଜମିରେ ଧାନଚାଷ କରିବା ପାଇଁ ତଳି ପକାଇଥିଲେ। ଗୋରୁ ବିଲରେ ପଶି ତଳି ଖାଇଯିବାର ଆଶଙ୍କା ଥିବାରୁ ନିର୍ମଳ ବିଲ ଚାରିପଟେ ବାଡ଼ ବସାଇଥିଲେ। ତେବେ ସୋମବାର ନିର୍ମଳଙ୍କ ବାପା ବୀରବର (୭୫) ବିଲ ଜଗିଥିଲେ। ଏହି ସମୟରେ ଭରତପୁର ଗ୍ରାମର ଶରତ ଦଳେଇ ଗାଈ ଧରି ବାଡ଼ ଦିଆଯାଇଥିବା ଜମି ବାଟଦେଇ ଘରକୁ ଫେରୁଥିଲେ। ଫେରିବାବେଳେ କିଏ ବାଡ଼ ବସାଇଛି କହି ଉପାଡ଼ି ଦେଇଥିଲେ। ନିର୍ମଳଙ୍କ ବାପା ବୀରବର ପ୍ରତିବାଦ କରିଥିଲେ। ଫଳରେ ଶରତ ଏଥିରେ ଉତ୍‌କ୍ଷିପ୍ତ ହୋଇ ଏକ କୋଦାଳ ସାହାଯ୍ୟରେ ବୀରବରଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ନଡ଼ିଆ ସାହସପୁର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ନିର୍ମଳ ଓ ଶରତଙ୍କ ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ପୃଥକ୍ ମାମଲା (ନଂ. ୧୭୪/୧୯ ଓ ୧୭୫/୧୯ ) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି।

### ଆଦିବାସୀ, ହରିଜନ ସଂଘର ବୈଠକ

କୋରେଇ.୨୩।୭(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ସାହଦକପୁର ପଞ୍ଚାୟତର ବଟିରା ବଜାରଠାରେ ସୋମବାର ଆଦିବାସୀ, ହରିଜନ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ସଂଘ ସମ୍ପାଦକ କ୍ଷୀରୋଦ ଦାସ ଅଧକ୍ଷତା କରିଥିଲେ। ବହୁ ଦଳିତ ଓ ଆଦିବାସୀ ଘରବାରି ପଟ୍ଟା ନ ଥିବାରୁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଜାତିଗତ ପ୍ରମାଣପତ୍ର ନ ଥିବା ପିଲାମାନେ ସ୍କୁଲ ଓ କଲେଜରେ ଭତ୍ତା ପାଇପାରୁନାହାନ୍ତି। ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଯଥା ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ବ୍ୟାଙ୍କ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି। ବସୁନ୍ଧରା ଯୋଜନା ମଧ ଫେଲ୍ ମାରିଛି। ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା।

### ଯାଜପୁରରୋଡ ସିଏଚ୍‌ସିକୁ ଆମ୍ବୁଲାନ୍ସ ପ୍ରଦାନ

ଯାଜପୁରରୋଡ,୨୩।୭(ନି.ପ୍ର.)- ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଜିଲାର ଏକ ପ୍ରମୁଖ ଡାକ୍ତରଖାନା। ଏହି ଡାକ୍ତରଖାନାକୁ ଦୈନିକ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସିଥାନ୍ତି। ହେଲେ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗାଇବା ପାଇଁ କ୍ଲବ୍ ଦି' ୟୁଥ୍ ମାସ୍, ଶହୀଦ୍ ଭଗତ୍ ସିଂ ଯୁବକ ସଂଘ ଓ ବରିଷ୍ଠ ନାଗରିକ କମିଟି ବୁଦ୍ଧିଜୀବୀ, ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଉଥିଲା। ଜିଲାପାଳ ରଞ୍ଜନ କୁମାର ଦାସ ଏହି ଦାବିକୁ ଗୁରୁତ୍ୱ ଦେଇ ଆମ୍ବୁଲାନ୍ସ ଯୋଗାଇଦେବା ପାଇଁ ସ୍ଥିର କରିଥିଲେ। ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ପରେ ଆପିଜଏ ଲଜିଷ୍ଟିକ୍ ପ୍ରାଇଭେଟ୍ ଲିମିଟେଡ୍, କଳିଙ୍ଗନଗର ପକ୍ଷରୁ ରୋଗୀଙ୍କ ସେବାପାଇଁ ଜିଲାପାଳଙ୍କୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ଏହି ଆମ୍ବୁଲାନ୍ସକୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିବା ସହ ଡ୍ରାଇଭର ନିଯୁକ୍ତି କରିବା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ରମାଦେବୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ

ବରୀ,୨୩।୭(ସ୍ୱ.ପ୍ର.)- ବରୀ ବାଗଦାସ୍ଥିତ ଗୋପବନ୍ଧୁ ରମାଦେବୀ ଆଶ୍ରମ ପରିସରରେ ସୋମବାର ମା' ରମାଦେବୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ବୃନ୍ଦାବନ ସାମଲ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମା' ରମାଦେବୀଙ୍କ ଜୀବନଚର୍ଯ୍ୟା ଉପରେ ଆଲୋଚନା କରାଯିବା ସହ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପାଇଁ ଉପସ୍ଥିତ ବୁଦ୍ଧିଜୀବୀ ପ୍ରସ୍ତାବ ରଖିଥିଲେ। କେନ୍ଦ୍ରପଡ଼ା ଜିଲାର ସ୍ୱାଧୀନତା ସଂଗ୍ରାମୀ ନକୁଳ ଚରଣ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଗୋପବନ୍ଧୁ ରମାଦେବୀ ଆଶ୍ରମର ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ ଗାନ୍ଧୀ, ଗୋପବନ୍ଧୁ ଓ ରମାଦେବୀଙ୍କ ଜୀବନୀ ଉପରେ ଯୁବତୀ ଯୁବକଙ୍କୁ ଅବଗତ କରିବା ଆଶ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। କର୍ଣ୍ଣଚନ୍ଦ୍ର ଘଡ଼େଇ, ଗଗନ ବିହାରୀ ସାମଲ, ଭାରତୀ ଘୋଷ, ଅରୁଣ କୁମାର ଜେନା, ଦୁର୍ଯ୍ୟୋଧନ ଶତପଥୀ, ସୀତାରାଣି ଦେଓ, ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନିବାରଣ ସଚେତନତା ଶୋଭାଯାତ୍ରା

**କୋରେଇ,୨୩।୭(ସ୍ୱ.ପ୍ର.)**

ପଥରପଦା ମା' ନେଙ୍କୁରୁଣୁଣୀ ପୀଠରୁ ଶତାଧିକ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ମଙ୍ଗଳବାର ନିଶା ନିବାରଣ ସଚେତନତା ଶୋଯାତ୍ରାରେ ବାହାରି ପାଣିକୋଇଲି ବଜାର ପରିକ୍ରମା କରି ପାଣିକୋଇଲି ଥାନାରେ ପହଞ୍ଚିଥିଲେ। ମଦ ମୁକ୍ତ ଓଡ଼ିଶା ଗଠନ ଓ ବେଆଇନ ମଦବିକ୍ରି ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ଦାବିପତ୍ର ଥାନାଧିକାରୀ ଅଜୟ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଆଦିବାସୀ ସ୍ୱାଭିମାନୀ ମଞ୍ଚ ଡାକରାରେ ଉତ୍କଳ ଶକ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ବଳରାମ ସାହୁ, ସାମାଜିକ କର୍ମୀ ଗଙ୍ଗାଧର ସାହୁ, ସୁବାସ ଧଳ, ତାରିଣୀ ପଟ୍ଟନାୟକ, ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସୂର୍ଯ୍ୟମଣି ପଣ୍ଡା, ମାର୍କଣ୍ଡ ଚରଣ ସାହୁ, ସୁଶାନ୍ତ ନାୟକଙ୍କ ନେତୃତ୍ୱରେ ଗାଁ ଗହଳିରେ ବେଆଇନ ମଦ ବିକ୍ରି ବନ୍ଦ କରିବା, ନିଶା ମୁକ୍ତ ରହିବା ପାଇଁ ସଚେତନତା କରିବା ଆଦି ଦାବିରେ କାର୍ଯ୍ୟକ୍ରମ କରାଯାଇଥିଲା।

■ ବିଭିନ୍ନ ସ୍ଥାନରେ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରତିବାଦ

## ଚଣ୍ଡିଖୋଲ ପ୍ରେସ୍ କ୍ଲବ ପକ୍ଷରୁ ତହସିଲଦାରଙ୍କୁ ସ୍ମାରକପତ୍ର

**ଚଣ୍ଡିଖୋଲ,୨୩।୭(ଡି.ଏନ.ଏ.)**

ଜଣେ କାର୍ଯ୍ୟରତ ଖବରଦାତାଙ୍କୁ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ଦୁର୍ବ୍ୟବହାର ଓ ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣ ପ୍ରତିବାଦରେ ମଙ୍ଗଳବାର ଚଣ୍ଡିଖୋଲ ପ୍ରେସ କ୍ଲବ ତରଫରୁ ଦର୍ପଣ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏସ୍‌ପିଙ୍କ ଏଭଳି ବ୍ୟବହାରକୁ ଚଣ୍ଡିଖୋଲ ପ୍ରେସ କ୍ଲବ ତରଫରୁ ନିନ୍ଦା କରାଯିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଚଣ୍ଡିଖୋଲ ପ୍ରେସ କ୍ଲବ ସଭାପତି ପ୍ରଦୀପ୍ତ କୁମାର ପରିଡ଼ାଙ୍କ ନେତୃତ୍ୱରେ ସମ୍ପାଦକ ଦିଲୀପ କୁମାର ମହାନ୍ତି, ବରିଷ୍ଠ ଖବରଦାତା ମହେଶ୍ୱର ବଳ, ବେଣୁଧର ପଣ୍ଡା, ପ୍ରଦୀପ୍ତ କୁମାର ପୃଷ୍ଟି, ଶିବରାମ ସାହୁ, ଭକ୍ତଚରଣ ସାହୁ, ପ୍ରସନ୍ନ କୁମାର ବିଶ୍ୱାଳ, ସମରେନ୍ଦ୍ର ମାହାଲା, ଅଭିମନ୍ୟୁ ଧଳ, ଦେବବ୍ରତ ଦେବତା, ସଞ୍ଜୟ ସ୍ୱାଇଁ, ମନୋଜ ସାହୁ, ସୁଶାନ୍ତ କୁମାର ନାୟକ, ଅଜୟ ଜେନା, ଅନିରୁଦ୍ଧ ସାମନ୍ତରାୟ ପ୍ରମୁଖ ଦର୍ପଣ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ପ୍ରେସ କ୍ଲବ ସଦସ୍ୟ ।

## ୩ ଛେଳି ଚୋରଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

**କୋରେଇ,୨୩।୭(ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି (କାଙ୍କଲା) ଗ୍ରାମରେ ମଙ୍ଗଳବାର ୩ ଛେଳି ଚୋରଙ୍କୁ ଧରି ଗ୍ରାମବାସୀ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ସହ ବ୍ୟବହାର କରୁଥିବା ଗାଡ଼ି ଜବତ କରିଛି। ସେମାନେ ଖଜିରପୁର ଗ୍ରାମର ଆନ୍ଦ ମଲ୍ଲିକଙ୍କ ଘରେ ପଶି ଛେଳି କିଣିଥିଲେ। ସେଠାରୁ ଆସିବା ପରେ ବାଟରୁ ଛେଳି ଚୋରି କରି ବୋଲେରୋ (ନଂ.ଓଆର-୦୨ବିଏମ-୩୨୬୬) ନେଇ ପଳାଇଥିଲେ। ହେଲେ ସେମାନେ ଘଟଣାସ୍ଥଳରେ ମୋବାଇଲ ଛାଡ଼ି ପଳାଇଥିଲେ। ପୁନଶ୍ଚ ମୋବାଇଲ ନେବାକୁ ଆସିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ। ଉତ୍ୟକ୍ତ ଲୋକେ ତାଙ୍କୁ ମାଡ଼ ମାରି ପୋଲିସ ଜିମା ଦେଇଥିଲେ।

■ ପିସି ନ ଦେବାରୁ ଦଳିତ ଯୁବକଙ୍କୁ ମାଡ଼ମାରିବା ଘଟଣା

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ

**ବରୀ,୨୩।୭(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିବାକୁ ହେଲେ ପିସି ଦେବାକୁ ପଡୁଛି। ହେଲେ ପିସି ନ ଦେବାରୁ ଗତ ୧୮ ତାରିଖରେ ଜଣେ ଦଳିତ ଯୁବକଙ୍କୁ ମାଡ଼ ହୋଇଥିବା ନେଇ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଥିଲା। ଥାନା ପକ୍ଷରୁ ଏକ ମାମଲା (ନଂ. ୧୩୦/୧୯) ରୁଜୁ କରାଯାଇ ଯାଜପୁର ଏସ୍‌ଡିପିଓ ତଦନ୍ତ ଜାରି ରଖିଛନ୍ତି। ହେଲେ ଅଭିଯୁକ୍ତ ସୋମବାର ରାତିରେ ୧୦-୧୫ ଜଣ ଯୁବକଙ୍କୁ ସାଙ୍ଗରେ ଆଣି ମାମଲାକୁ ତୁରନ୍ତ ରଫାଦଫା କରିବାକୁ କହିବା ସହ ହତ୍ୟା ଧମକ ଦେଇଥିଲେ। ଏଥିରେ ଯୁବକ ଜଣଙ୍କ ଭୟଭୀତ ହୋଇ ମଙ୍ଗଳବାର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବରୀ ନିର୍ବାଚନମଣ୍ଡଳୀ ଏରବାଙ୍କ ପଞ୍ଚାୟତ ବାଙ୍କସାହି ଗ୍ରାମର ସାଧୁ ଦଲେଇଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଛି। ଏଥିପାଇଁ ସାଧୁଙ୍କ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ଆସିଛି। ହେଲେ ଗୃହ ନିର୍ମାଣ ପୂର୍ବରୁ ପିସି ବାବଦରେ ୧୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ଦିବ୍ୟରଞ୍ଜନ ସାହୁ କହିଥିଲେ। ସାଧୁ ଗରିବ ଶ୍ରେଣୀର ହୋଇଥିବାରୁ ପିସି ଦେଇପାରିବେ ନାହିଁ ବୋଲି ମନା କରିଦେଇଥିଲେ। ପରେ ଦ୍ୱିତୀୟ କିସ୍ତି ବାବଦରେ ସାଧୁଙ୍କ ଜମାଖାତାକୁ ୩୫ ହଜାର ଟଙ୍କା ଆସିଥିବାବେଳେ ଦିବ୍ୟ ରଞ୍ଜନ ପୁନଶ୍ଚ ୧୦ ହଜାର ଟଙ୍କା ଦାବି କରିଥିଲେ। ପିସି ଟଙ୍କା ବ୍ଲକର ସମସ୍ତ କର୍ମଚାରୀଙ୍କୁ ଦେବାକୁ ପଡିବ ବୋଲି କହି ବାରମ୍ବାର ତାଗିଦ କରି ଆସୁଥିଲେ। ପ୍ଲିନ୍ଥ ଲେଭୁଲ ପର୍ଯ୍ୟନ୍ତ ଗୃହ ନିର୍ମାଣ କରିଦେଇଥିବାରୁ ଆଉ ଟଙ୍କା ନାହିଁ ବୋଲି ସାଧୁ କହିଥିଲେ। ପିସି ନ ଦେଲେ ଗୃହ ନିର୍ମାଣ ହୋଇପାରିବ ନାହିଁ କି ବିଲ୍ କରାଇ ଦିଆଯିବନାହିଁ ବୋଲି ଦିବ୍ୟରଞ୍ଜନ କହିଥିଲେ। ଗତ ୧୮ ତାରିଖରେ ସାଧୁ ଓ ତାଙ୍କ ଭାଇ ସ୍ଥାନୀୟ ବଜାରକୁ ସଉଦା କରିବାକୁ ଆସିଥିଲେ। ସାଧୁଙ୍କୁ ଡାକି ନେଇ ଦିବ୍ୟରଞ୍ଜନ ଘର ଭିତରେ ପୁରାଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ସାଧୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଜୟନ୍ତୀ ସଦର ଥାନାରେ ଅଭିଯୋଗ କରିଥିଲେ। ସାଧୁ ଏଫ୍‌ଆଇଆର କପି ପାଇଁ ଥାନାକୁ ଯାଇଥିଲେ ମଧ୍ୟ ତାଙ୍କୁ ମିଳି ନ ଥିଲା। ଫଳରେ ସାଧୁ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସଦର ଥାନାଧିକାରୀ ଦୁଷ୍ମନ୍ତ ନାୟକଙ୍କୁ ପଚାରିବାରୁ, ମାମଲା ରୁଜୁ କରାଯାଇଛି। ଏସ୍‌ଡିପିଓ ଘଟଣାର ତଦନ୍ତ କରୁଛନ୍ତି ବୋଲି କହିଥିଲେ।

# ସମାଧାନ ହେଲା ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ

**ଯାଜପୁରରୋଡ,୨୩।୭(ନି.ପ୍ର.)**

ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉଦ୍ୟମକ୍ରମେ ସୁକିନ୍ଦା କ୍ରୋମ ଉପତ୍ୟକାରେ ପରିବହନକୁ ନେଇ ଉପୁଜିଥିବା ବିବାଦ ସମାଧାନ ହୋଇଛି। ଫଳରେ ଯାଜପୁରରୋଡ଼ ଓ ଚଣ୍ଡିଖୋଲ ମାଲିକ ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘର ଏକତରଫା ନୀତିକୁ ଯାଜପୁରରୋଡ଼ ଓ ଚଣ୍ଡିଖୋଲ ମାଲିକ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଯାଜପୁରରୋଡ, ଚଣ୍ଡିଖୋଲ ଓ ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘ ମଧ୍ୟରେ ବିବାଦ ଉପୁଜିଥିଲା। ପୋଲିସ ପ୍ରସାଶନ ପକ୍ଷରୁ ୩ ସଂଘ ମଧ୍ୟରେ ସମାଧାନ ପାଇଁ ବୈଠକମାନ କରାଯାଇଥିଲା। କିନ୍ତୁ ବୈଠକରେ ସମାଧାନର ବାଟ ନ ବାହାରିବାରୁ ଯାଜପୁରରୋଡ଼ ଓ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ମିଳିତଭାବେ ସୁକିନ୍ଦା ଖଣି ଉପତ୍ୟକାରୁ ପରିବହନ ବନ୍ଦ କରିବା ପାଇଁ ଡାକରା ଦେଇଥିଲେ। ଏ ନେଇ ଉଭୟ ସଂଘ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସୁକିନ୍ଦା କ୍ରୋମ ଅଞ୍ଚଳରେ ପରିବହନକୁ ସ୍ୱାଭାବିକ କରିବା ପାଇଁ ସୁକିନ୍ଦା ବିଧାୟକ ଘଡେଇ ଅଣ୍ଟା ଭିଡ଼ିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ଅନୁଯାୟୀ ପରିବହନ ପାଇଁ ନିଷ୍ପତ୍ତି ହୋଇଥିଲା। ବିଧାୟକ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଫେରୋକ୍ରୋମ ଡାକବଙ୍ଗଳାଠାରେ ସୋମବାର ୩ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ମନିଟରିଂ କମିଟି ଗଠନ କରାଗଲା। ନିଜ ନିଜ ସଂଘ ତରଫରୁ ଟ୍ରକଗୁଡ଼ିକୁ ପରିଚୟ ପତ୍ର ପ୍ରଦାନ କରାଯାଇ ଶୃଙ୍ଖଳିତ ପରିବହନ କରିବାର ନିଷ୍ପତ୍ତି ନିଆଗଲା। ସଂଘ ପକ୍ଷରୁ ବିଧାୟକଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବୁଧବାରଠାରୁ ପୂର୍ବବତ୍ ତିନି ସଂଘ ପରିବହନ କରିବା ସହ ନିଜ ମଧ୍ୟରେ ଭାଇଚାରା ରଖିବାକୁ ବିଧାୟକ ଘଡ଼େଇ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସୁକିନ୍ଦା ମିନେରାଲ ସଂଘ ସଭାପତି ବିଦ୍ୟାଧର ପାତ୍ର, ଅମଳେନ୍ଦୁ ବେହେରା, ବିଜୟ ରାଜ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ପୂର୍ବତନ ସଂପାଦକ ହେମନ୍ତ ସାମଲ, ସଭାପତି ସନ୍ତୋଷ କୁମାର ରାଉତ, ସଂପାଦକ ପୁଷ୍ପରାଜ ନାୟକ, ରାଜ୍ୟ ଟ୍ରକ ମହାସଂଘ ଯୁଗ୍ମ ସଂପାଦକ ବିଭୁତି ଭୂଷଣ ଜେନା ଓ ଯାଜପୁରରୋଡ଼ ଟ୍ରକ ମାଲିକ ସଂଘ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ହୃଦାନନ୍ଦ ସାମଲ, ସଭାପତି କିଶୋର ରାଉତ, ସମ୍ପାଦକ ବ୍ରଜ କିଶୋର ରାଉତ, ଉପସଭାପତି ପ୍ରଦ୍ୟୁମ୍ନ ବୋଇତେଇ, ଯୁଗ୍ମ ସଂପାଦକ ପବିତ୍ର ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦିବ୍ୟାଙ୍ଗଙ୍କ ପକ୍ଷରୁ ଭଜନ ସମାରୋହ

**ରତ୍ନଗିରି,୨୩।୭(ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନ ବରୀ ମୁଖ୍ୟ ବଜାର ଶକ୍ତି ପୀଠଠାରେ ମଙ୍ଗଳବାର ଦିବ୍ୟାଙ୍ଗଙ୍କ ତରଫରୁ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚନ୍ଦନପୁର ଅଞ୍ଚଳର ଦିବ୍ୟାଙ୍ଗ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଭଜନ ସମାରୋହରେ ଉପସ୍ଥିତ ଦର୍ଶକ କରତାଳି ମାଧ୍ୟମରେ ସେମାନଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ସରକାର ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ବରୀ ବ୍ଲକରେ ଦିବ୍ୟାଙ୍ଗଙ୍କୁ ପ୍ରୋତ୍ସାହନ ଦିଆଗଲେ ସାଧାରଣ ଜୀବନଯାପନ କ୍ଷେତ୍ରରେ ଅନ୍ୟମାନଙ୍କ ସହ ସମକକ୍ଷ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ବିକ୍ଷୋଭ



ନିଶା ନିବାରଣ ଅଭିଯାନ କର୍ମକର୍ତ୍ତା ଏଡିଏମଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି ।

**ଯାଜପୁରରୋଡ,୨୩।୭(ନି.ପ୍ର.)**

ବିଭିନ୍ନ ସ୍ଥାନରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଓ ନିଶା କାରବାର ବନ୍ଦ ପ୍ରତିବାଦରେ ମଙ୍ଗଳବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଏକ ଶୋଭାଯାତ୍ରା ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ନାନା ଦେଇ ସହର ପରିକ୍ରମା କରିବା ପରେ ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏଡିଏମଙ୍କ ଅନୁପସ୍ଥିତିରେ ଭୂଅର୍ଜନ ଅଧିକାରୀ ସପନ କୁମାର ନନ୍ଦକୁ ଦାବିପତ୍ର ଦେଇଥିଲେ। ବିଭାଗୀୟ ଅଧିକାରୀ ମଦ କାରବାରକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ଯୁବ ସଂଯୋଜକ ସତ୍ୟବ୍ରତ ପୃଷ୍ଟି, ଜିଲା ସଭାପତି ବିଶ୍ୱଜିତ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ସୁରେଶ କୁମାର ହୋତା, ଚନ୍ଦ୍ରମଣି ସାମଲ, ଅଭିରାମ ଦାସ, ଉପେନ୍ଦ୍ର ମହାନ୍ତି, ଜୟନ୍ତୀ ସ୍ୱାଇଁ, ବ୍ରଜେଶ୍ୱରୀ ସିଂହ, ଭୁବନମୋହନ ମହାନ୍ତି, ଯୋଗୀନ୍ଦ୍ର ସେଠୀ, ସନାତନ ମଲିକ, ଲମ୍ବୋଦର ମଲିକ, ସନାତନ ମଲିକ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

■ ସମସ୍ୟା ଘେରରେ କାଙ୍ଗାଳି ଚରଣ ପଣ୍ଡା ସଂସ୍କୃତ ବିଦ୍ୟାଳୟ

# ତହସିଲଦାରଙ୍କ ପରିଦର୍ଶନ ପରେ ତତ୍ପରତା

**ରସୁଲପୁର,୨୩।୭(ଡି.ଏନ୍.ଏ.)**

ସର୍ବଶିକ୍ଷା ଅଭିଯାନର ସଭିଏଁ ପଢନ୍ତୁ ଓ ବଢନ୍ତୁ ଅଭିଯାନ ବାଟବଣା ହୋଇଛି। ଅନେକ ସ୍ଥାନରେ ବିଦ୍ୟାଳୟ ଅଛି ହେଲେ ପିଲା ନାହାନ୍ତି। ବିଦ୍ୟାଳୟ ଗୃହ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଛି। ଆଉ ଯେଉଁ ବିଦ୍ୟାଳୟର ଶ୍ରେଣୀ ଗୃହ ନାହିଁ ତା ପାଇଁ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ କରାଯାଉଛି। ଏହାଛଡ଼ା ପ୍ରତି ମାସରେ ବିଦ୍ୟାଳୟ ସମ୍ପର୍କିତ ୟୁ-ଡାଇସ୍ ତଥ୍ୟ ଜରିଆରେ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଆସୁଛି। ତେବେ ଏସବୁ ବ୍ୟବସ୍ଥା କାଙ୍ଗାଳିଚରଣ ପଣ୍ଡା ସଂସ୍କୃତ ବିଦ୍ୟାଳୟ କ୍ଷେତ୍ରରେ ଫେଲ୍ ମାରିଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତର ମଠସାହିସ୍ଥିତ ଏହି ବିଦ୍ୟାଳୟ ନାନା ସମସ୍ୟାରେ ଛନ୍ଦି ହୋଇପଡିଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଦିଗରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ତହସିଲଦାର ଭୁଜବଳ ବିଦ୍ୟାଳୟର ସ୍ଥିତିକୁ ନେଇ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପଣ୍ଡା ଦେଇଥିବା ଲିଖିତ ଅଭିଯୋଗ ସମ୍ପର୍କରେ ଜିଲା ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ତହସିଲଦାରଙ୍କ ସୂତ୍ରରୁ ଜଣାପଡିଛି।

ପ୍ରକାଶ ଯେ, ୧୯୮୫ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଦୀର୍ଘ ୩୪ବର୍ଷ ଧରି ଉକ୍ତ ବିଦ୍ୟାଳୟଟି ସଫଳତାର ପାହାଚ ଚଢି ଚଢି ଆସୁଛି । ଫଳରେ ବିଦ୍ୟାଳୟରେ ବିଦ୍ୟାର୍ଥୀମାନଙ୍କ ଉପସ୍ଥାନ କ୍ରମଶଃ ବଢିବାରେ ଲାଗିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମା ଓ ମଧ୍ୟମା ଶ୍ରେଣୀରେ ୧୨୩ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି। ମାତ୍ର ଏମାନଙ୍କ ପାଇଁ ଆବଶ୍ୟକୀୟ ଶ୍ରେଣୀ ଗୃହ ନାହିଁ । ଯାହାବି ଅଛି ସେସବୁ ବିପଦ ସଂକୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟର ପୁରୁଣା ଛାତରୁ ସିମେଣ୍ଟ , କଂକ୍ରିଟ ଖଣ୍ଡ ଖସୁଛି। ଛାତରୁ କଳଙ୍କିଲଗା ଲୁହା ରଡ ସବୁ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଶ୍ରେଣୀଗୃହ କାନ୍ଥ ଫାଟିଆଁ କରିଛି। ତଥାପି ଏଥିରେ ଶିକ୍ଷାଦାନ ଚାଲିଛି। ବିଦ୍ୟାର୍ଥୀମାନେ ଜୀବନକୁ ବାଜି ଲଗାଇ ପାଠପଢୁଛନ୍ତି। ପାଚେରୀ ନ ଥିବାରୁ ବୁଲା ଗୋରୁଗାଈଙ୍କଠାରୁ ଆରମ୍ଭ କରି ଅସାମାଜିକ ଓ ମଦ୍ୟପ ଲୋକଙ୍କ ପାଇଁ ବିଦ୍ୟାଳୟ ବାରଣ୍ଡା ଆଶ୍ରୟସ୍ଥଳ ପାଲଟୁଛି। ଏସବୁ ଦିଗରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆ ନ ଯିବା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି। ତେବେ ଗତ ଶନିବାର ତହସିଲଦାର ଭୁଜବଳ ଏକ ସରକାରୀ ଜମିକୁ ଅବରୋଧ କରିବା ସକାଶେ କ୍ଷେତ୍ର ପରିଦର୍ଶନ ଯାଇଥିଲେ । ଏହି ମସୟରେ ବିଦ୍ୟାଳୟ ଭିତରକୁ ପଶିଯାଇ ଥିଲେ । ବିଦ୍ୟାଳୟ କୋଠାର ବିପଦ ସଙ୍କୁଳ ଅବସ୍ଥା ଦେଖିବା ପରେ ଏନେଇ ଜିଲା ଅତିରିକ୍ତ ଜିଲାପାଳଙ୍କ ସହ ଯୋଗାଯୋଗ କରି ଅବଗତ କରାଇଥିଲେ । ଜିଲା ପ୍ରଶାସନ ଏନେଇ ତୁରନ୍ତ ଏକ ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାରଙ୍କୁ କହିବା ପରେ ତହସିଲ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।




ବିପଦସଙ୍କୁଳ ଅବସ୍ଥାରେ ଥିବା ସଂସ୍କୃତ ବିଦ୍ୟାଳୟ ଛାତ୍ର ।

## ସଂକ୍ଷେପରେ

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ସଚେତନତା ପଦଯାତ୍ରା



ମାର୍ଶାଘାଇ,୨୩ । ୭(ଡି.ଏନ୍.ଏ.) : ଓଡିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ଦ୍ୱାରା ରାଜ୍ୟର ରାଜସ୍ୱ କ୍ଷତି ହେଉଛି । ଏଣୁ ଆମ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ଦେବା ସହ ମହାନଦୀ ଜଳ ସମସ୍ୟା ସମାଧାନ ଦାବି କରି ଓଡିଶା ଜନ ସଚେତନତା ମଞ୍ଚ ତରଫରୁ ଆବାହାକ ସତ୍ୟବ୍ରତ ଦାସ ଓଡିଶାର ୩୧୪ ବ୍ଲକକୁ ପଦଯାତ୍ରା ଆରମ୍ଭ କରିଛନ୍ତି । ସେ ପ୍ରତି ବ୍ଲକର ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି । ଏହି ପଦଯାତ୍ରା ଯାଜପୁର ଜିଲାର ବଡଚଣା ବ୍ଲକ ଠାରୁ ସେ ପ୍ରଥମେ ଆରମ୍ଭ କରି କେନ୍ଦ୍ରାପଡା ଜିଲାର ମାର୍ଶାଘାଇ ବ୍ଲକ ଠାରେ ମଙ୍ଗଳବାର ପହଞ୍ଚିଛନ୍ତି । ବୁଧବାର ଠାରୁ ଏଠାରୁ ବାହାରି ମହାକାଳପଡ଼ା, ଗରଦପୁର ବ୍ଲକ ଯିବାର କାର୍ଯ୍ୟକ୍ରମ ରହିଛି ।

### ଖରସ୍ରୋତା ସେତୁର ଆପ୍ରୋଚ୍ ରାସ୍ତା କାର୍ଯ୍ୟ ଆରମ୍ଭ

ରାଜକନିକା, ୨୩।୭ (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ ବର୍ଷ ତଳେ ଆରମ୍ଭ ହୋଇଥିବା କଣ୍ଡିଆ-ଅରଗଳ ଖରସ୍ରୋତା ସେତୁର ଆପ୍ରୋଚ ରାସ୍ତା କାର୍ଯ୍ୟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର ରାସ୍ତାରେ ମାଟି ପକା ଯାଇଥିବା ଜଣାପଡ଼ିଛି। ଏହି ସେତୁ କାର୍ଯ୍ୟ ବିଳମ୍ବିତ ହେଉଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏ ନେଇ ବାରମ୍ବାର ଗଣମାଧମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ନିର୍ବାହିଯନ୍ତ୍ରୀ ଅମୁଲ୍ୟ କୁମାର ମହାପାତ୍ର ଓ ଉପ ନିର୍ବାହି ଯନ୍ତ୍ରୀ ଗୁଣଧର ସାମଲ ସେତୁ ପରିଦର୍ଶନ କରିବା ସହିତ ବର୍ଷାଦିନ ପୂର୍ବରୁ ଆପ୍ରୋଚ ରାସ୍ତା ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୧୦ ଦିନ ମଧରେ ଏହି ଆପ୍ରୋଚ ରାସ୍ତା ସମ୍ପୂର୍ଣ୍ଣ ହେବ ବୋଲି ସେତୁ ଦାୟିତ୍ୱରେ ଥିବା ଉପ ନିର୍ବାହିଯନ୍ତ୍ରୀ ଗୁଣଧର ସାମଲ ପ୍ରକାଶ କରିଛନ୍ତି।

## ■ ଆଜି ପାଟକୁରା ନିର୍ବାଚନ ଫଳାଫଳ

# ବିଜୟ, ପରାଜୟ ନେଇ ଉତ୍କଣ୍ଠା

■ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ
■ ୧୮ ଟେବୁଲରେ ୧୮ ରାଉଣ୍ଡରେ ଶେଷ ହେବ ଗଣତି

କେନ୍ଦ୍ରାପଡା ଅଫିସ୍/ଡେରାବିଶ (ସ୍ୱ.ପ୍ର.), ୨୩।୭

କେନ୍ଦ୍ରାପଡ଼ା ଜିଲାର ବହୁ ଚର୍ଚ୍ଚିତ ପାଟକୁରା ବିଧାନସଭା ଆସନ ପାଇଁ ହୋଇଥିବା ନିର୍ବାଚନ ଫଳାଫଳ ବୁଧବାର ଘୋଷଣା ହେବ। ଏଥିପାଇଁ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପୂର୍ବାହ୍ନ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଅପରାହ୍ନ ୪ଟା ସୁଦ୍ଧା ଫଳାଫଳ ଆସିଯିବା ସମ୍ଭାବନା ରହିଛି। ତେବେ ଭୋଟ ଗଣତି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏହି କ୍ଷେତ୍ରର ୩୦୯ଟି ବୁଥ୍‌ର ଭୋଟ ୧୮ଟି ଟେବୁଲରେ ୧୮ ରାଉଣ୍ଡରେ ଗଣାଯିବ। କଡ଼ା ସୁରକ୍ଷା ବଳୟରେ ଇଭିଏମ୍ ଓ ଭିଭିପିଏଟି ମେଶିନ ରଖାଯାଇଥିବା ବେଳେ ଫଳାଫଳକୁ ନେଇ ରାଜନେତାଙ୍କର ଏବେ ବି ଅଙ୍କକଷା ଚାଲିଛି। ଏହି ଆସନ ପାଇଁ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୦ ଜଣ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ହେଲେ ଏହି ଆସନ ବିଜେଡି ଓ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କୁ ଭାଜପା ପ୍ରାର୍ଥୀ କରିବା ପରେ ତାଙ୍କୁ ଟକ୍କର ଦେବା ପାଇଁ ବିଜେଡି ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସାବିତ୍ରୀଙ୍କ ଲାଗି ପ୍ରଚାର ପାଇଁ ୮୦ରୁ ଉର୍ଦ୍ଧ୍ୱ ବିଜେଡି ବିଧାୟକ ଓ ମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀରେ ଡେରା ପକାଇଥିଲେ। ପଞ୍ଚାୟତୱାରୀ ଦାୟିତ୍ୱରେ ଥିବା ବିଜେଡି ନେତାଙ୍କ ପାରିବା ପଣିଆ ଏହି ନିର୍ବାଚନ ଫଳାଫଳ ଉପରେ ନିର୍ଭର କରୁଛି। ସେହିପରି ପୂର୍ବରୁ ୪ ଥର ବିଧାୟକ ହୋଇଥିବା ବେଳେ ୩ଥର ବିଧାୟକ ପ୍ରାର୍ଥୀ ଭାବେ ହାରିଥିବା ବରିଷ୍ଠ ରାଜନେତା ବିଜୟଙ୍କ ବିଜୟ ମଧ ଗୁରୁତ୍ୱ ବହନ କରୁଛି।

ଏ ସମ୍ପର୍କରେ ରାଜନୈତିକ ବିଶ୍ଳେଷକ କୁହନ୍ତି, ଏହି ନିର୍ବାଚନକୁ ବିଜୟ ଓ ବିଜେଡି ଗୁରୁତ୍ୱ ଦେଇଛନ୍ତି। ବିଜୟ ଜିତିଲେ ରାଜ୍ୟ ରାଜନୀତିର ସମୀକରଣ ବଦଳିବ। ବିଧାନସଭାରେ ଶାସକ ଦଳକୁ ଅଡୁଆରେ ପକାଇବା ପାଇଁ ବିଜୟ ସୁଯୋଗ ଖୋଜିବେ। କିନ୍ତୁ ଭାଜପା ଓ ବିଜେଡି ମଧରେ ଚାଲିଥିବା ସମଭାବାପନ୍ନ ନୀତି ଯୋଗୁ ବିଜୟଙ୍କ ପ୍ରଚାରରେ ଦଳର କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ନେତାଙ୍କର ଆଶାନୁରୂପ ସହଯୋଗ ମିଳିଲା ନାହିଁ ବୋଲି ସେମାନେ ମତ ଦେଇଛନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଗତ ସାଧାରଣ ନିର୍ବାଚନରେ ବିଜୟ ଓ ବୈଜୟନ୍ତ ପଣ୍ଡାଙ୍କୁ ଟାର୍ଗେଟ କରିଥିଲେ। ନିର୍ବାଚନରେ ବୈଜୟନ୍ତ ଫେଲ ମାରିଥିବା ବେଳେ ଏବେ ବିଜୟ ଟାର୍ଗେଟରେ ଅଛନ୍ତି। ବିଜେଡି ପ୍ରାର୍ଥୀ ବେଦପ୍ରକାଶଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ପ୍ରାର୍ଥୀ କରି ଭୋଟରଙ୍କ ସମବେଦନା ସାଉଁଟିବାକୁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରିଛନ୍ତି। ଅନ୍ୟପକ୍ଷରେ ବିଜୟଙ୍କ ପ୍ରତି ଥିବା ଭୋଟରଙ୍କ ଅନୁକମ୍ପା କେତେଦୂର କାର୍ଯ୍ୟ କରୁଛି, ତାହା ଫଳାଫଳ ପରେ ସ୍ପଷ୍ଟ ହେବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

ସୂଚନାଥାଉ କି, ବିଜେଡିରୁ ସାବିତ୍ରୀ ଅଗ୍ରୱାଲ, ଭାଜପାରୁ ବିଜୟ ମହାପାତ୍ର ଓ କଂଗ୍ରେସରୁ ଜୟନ୍ତ ମହାନ୍ତି ପ୍ରାର୍ଥୀ ହୋଇଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ଦିବ୍ୟସିଂହ ଦାସ, ପରମାନନ୍ଦ ମହାରଣା, ରତିକାନ୍ତ କାନୁନ୍‌ଗୋ, ପ୍ରଫୁଲ୍ଲ କୁମାର ବେହେରା, ସଞ୍ଜୟ କୁମାର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର (ସମାଜବାଦୀ ପାର୍ଟି), ଶ୍ରୀକାନ୍ତ ସାମଲ (କୃପାପାର୍ଟି) ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ।

### ମହାବିଦ୍ୟାଳୟ ପରିସରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୂର୍ବାହ୍ନ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ମହାବିଦ୍ୟାଳୟ ପରିସରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି କେନ୍ଦ୍ର ମଧରେ ୨ ପ୍ଲାଟୁନ ଅର୍ଦ୍ଧ ସାମରିକ ବାହିନୀ ଓ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏସ୍‌ପି ନୀତିଶେଖରଙ୍କ ସୂଚନା ଅନୁଯାୟୀ, ୨ ଜଣ ଡିଏସ୍‌ପି, ୨ ଜଣ ଏସ୍‌ଡିପିଓ, ୧୦ ଜଣ ଇନ୍ସପେକ୍ଟର, ୪୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ସୁରକ୍ଷା ବ୍ୟବସ୍ଥାରେ ରହିବେ। ସେହିପରି ଭୋଟ ଗଣତି ସୁପରିଚାଳନା ପାଇଁ ୧୮ଟି ଟେବୁଲ ବ୍ୟବସ୍ଥା ହୋଇଛି। ୩୦୯ ବୁଥ୍ ଏହି ନିର୍ବାଚନମଣ୍ଡଳୀରେ ଥିବାରୁ ୧୮ ରାଉଣ୍ଡରେ ଗଣତି ସରିବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଜିଲାପାଳ ବର୍ମାଙ୍କ ସହିତ ପର୍ଯ୍ୟବେକ୍ଷକ ଅମିତ ଚୌଧୁରୀ, ଦେବାଶିଷ ପଲ, ଏଡିଏମ ବସନ୍ତ କୁମାର ରାଉତ, ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ୨ଜଣ ସହକାରୀ ରିଟର୍ନିଂ ଅଫିସର, ସହକାରୀ ଜିଲାପାଳ ସସ୍ମିତ ଶତପଥୀ, ଗରଦପୁର ବିଡିଓ ଧରଣୀଧର ବେହେରା ପ୍ରମୁଖ ଭୋଟ ଗଣତିକୁ ପରିଚାଳନା କରିବେ। ସେହିପରି ୧୮ଜଣ ଗଣତି ସହାୟକ, ୧୮ଜଣ ଗଣତି ସୁପରଭାଇଜର ଓ ୧୮ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସର୍ବପ୍ରଥମେ ପୋଷ୍ଟାଲ ବାଲାଟ ଭୋଟ ଗଣାଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି।

### ପଥପ୍ରାନ୍ତ ବନୀକରଣ



ରାଜନଗର, ୨୩। ୭(ଡି.ଏନ.ଏ.)

୭୦ତମ ବନ ମହୋତ୍ସବ ପାଳନ ଅବସରରେ ମଙ୍ଗଳବାର ରାଜନଗର ବ୍ଲକର ଭିତରଗଡ ଏବଂ ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ପଥପ୍ରାନ୍ତ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିବାଉଁଶମୂଳ ଏବଂ ଭିତରଗଡ ପଞ୍ଚାୟତକୁ ସଂଯୋଗ କରାଯାଉଥିବା ୫କିମି ବ୍ୟାପି ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଛି। ଏଥିରେ ନିମ୍ବ, ଆକାଶିଆ, କୃଷ୍ଣଚୂଡ଼ା, ପଟାସ ପ୍ରଭୃତି ୨ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକ, ଅମରେଶ ନାଥ ପ୍ରଧାନ, ବନପାଳ ମହନ୍ତ କୁମାର ମଲ୍ଲିକ, ଅବକାଶ ପାତ୍ର, ଭିତରଗଡ ସରପଞ୍ଚ ସଂଗୀତା ବଳ, ସମିତିସଭ୍ୟା ପ୍ରେମଲତା ରାଉଳ, ପୁଷ୍ପଲତା ପ୍ରଧାନ, ଯୁବନେତା ଗଗନ ବଳ, ନନ୍ଦ କିଶୋର ରାଉଳ, ସରୋଜ ରାଉତ, ଜୟୀରାମ ରାଉତ, ଅମର ରାଉତ, କାଳନ୍ଦି ଚରଣ ରାଉତରାୟ, ପ୍ରମୁଖ ବୃକ୍ଷରୋପଣ କରିଥିଲେ।

## ■ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା ଅଫିସ୍, ୨୩।୭

ପଟ୍ଟାମୁଣ୍ଡାଇ ଓ ରାଜନଗର ବିକାଶ ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବଡିଭିଜନ ମାନ୍ୟତା ଦାବିକୁ ଜୋରଦାର କରାଯାଇଛି। ଏହି ଅଞ୍ଚଳର ଅନ୍ୟାନ୍ୟ ସାମାଜିକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ପରିଷଦ ପ୍ରତିଷ୍ଠାତା ସଦସ୍ୟ ବିଜୟ କେତନ ସ୍ୱାଇଁ କହିଛନ୍ତି, ଭୌଗୋଳିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମି ଦୃଷ୍ଟିରୁ ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା ନିହାତି ଜରୁରୀ ହୋଇପଡିଛି। ପଟ୍ଟାମୁଣ୍ଡାଇକୁ ସବଡିଭିଜନରେ ପରିଣତ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଅପରପକ୍ଷେ ୨୦୦୭ରେ ପଟ୍ଟାମୁଣ୍ଡାଇ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନିଶ୍ଚିହ୍ନ କରିଦିଆଯାଇଛି। ଏହାପରେ ପଟ୍ଟାମୁଣ୍ଡାଇକୁ ସବଡିଭିଜନ କରିବା ପାଇଁ ସରକାରୀ ପ୍ରସ୍ତାବ ନ ଥିବା ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଖେଳିଯାଇଛି। ଏଥିସହ ସେ ଦର୍ଶାଇଛନ୍ତି ଯେ, ପଟ୍ଟାମୁଣ୍ଡାଇ ସହର ଜିଲାର ମଧ ଭାଗରେ ଅଛି। ଏଥିସହ ସହର ମଧରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥା ପାଇଁ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଅଛନ୍ତି। ସହର ମଧରେ ୫୦ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ କୋର୍ଟ, ସବ ଟ୍ରେଜେରି, ସବ୍‌ଡିଭିଜନାଲ ହସ୍ପିଟାଲ ଅଛି। ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ, ଗମନାଗମନ ଆଦି ମୌଳିକ ସେବା ପ୍ରଦାନ କ୍ଷେତ୍ରରେ ଅନ୍ୟ ସହର ଅପେକ୍ଷା ଉନ୍ନତ। ହେଲେ ସରକାରୀ ଅଣଦେଖାରୁ ଏହାକୁ ସବ୍‌ଡିଭିଜନ ମାନ୍ୟତା ମିଳିପାରୁନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ସଂଗ୍ରାମ କରିବାକୁ ପ୍ରସ୍ତୁତ ଥିବା ସେ ଦର୍ଶାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ବରିଷ୍ଠ ସଦସ୍ୟ ଡ. ବାସୁଦେବ ପାତ୍ର, ଅନିରୁଦ୍ଧ ରାଉତ, ରାଜକୁମାର ବିଶ୍ୱାଳ, ଅଶ୍ୱିନୀ କୁମାର ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ।

## ■ ୧୧ କେଭିରେ ଫ୍ୟୁଜ୍ ବାନ୍ଧୁଥିବା ବେଳେ ବିଦ୍ୟୁତ୍ କର୍ମଚାରୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହୃତ**



କଟକ-ଚାନ୍ଦବାଲି ରାସ୍ତାର ସେସୁ ଅଫିସ୍ ଆଗରେ ରାସ୍ତାରୋକୋ କରାଯାଇଛି।

ଆଳି, ୨୩।୭ (ଡି.ଏନ୍.ଏ.)

ଆଳି ଥାନା ଅଧୀନ ସାନଅଙ୍କୋ ଗ୍ରାମରେ ୧୧ କେଭିରେ ଫ୍ୟୁଜ୍ ବାନ୍ଧୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ବିଦ୍ୟୁତ୍ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବେଲସରପୁର ଗ୍ରାମର କାଳନ୍ଦୀ ସିଂହ। କାଳନ୍ଦୀଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବେଲସରପୁର ଗ୍ରାମର ଯୁବକମାନେ କ୍ଷତିପୂରଣ ଦାବିରେ କଟକ-ଚାନ୍ଦବାଲି ରାସ୍ତାର ସେସୁ ଅଫିସ୍ ଆଗରେ ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହିଥିବା ବେଳେ କ୍ଷତିପୂରଣ ନ ମିଳିବା ଯାଏ ରାସ୍ତାରୋକୋ ପ୍ରତ୍ୟାହୃତ ନ କରିବା ଲାଗି ଯୁବକମାନେ ଅଡ଼ି ବସିଥିଲେ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏଭଳି ଅଘଟଣ ଘଟିଥିବାରୁ ସ୍ଥାନୀୟ ଯୁବକମାନେ କାଳନ୍ଦୀଙ୍କ ମୃତଦେହ ରଖି ରାସ୍ତା ଉପରେ ବସି ରହିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ ଦେ, ଆଳି ଆଇଆଇସି ସଲିଲ କୁମାର ପ୍ରଧାନ, ରାଜକନିକା ଆଇଆଇସି ଜ୍ୟୋତିରଞ୍ଜନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ଆଇଆଇସି, ରାଜନଗର ଆଇଆଇସିଙ୍କ ସମେତ ବିଦ୍ୟୁତ୍ ବିଭାଗ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ମୃତକଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ, ପରିବାରର ଜଣକୁ ଚାକିରି ଏବଂ ଯେଉଁ କର୍ମଚାରୀଙ୍କ ଖାମଖିଆଲ କାର୍ଯ୍ୟ ଯୋଗୁ କାଳନ୍ଦୀଙ୍କ ଜୀବନ ଗଲା, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଫ୍ୟୁଜ୍ କଟିଯାଇ ଥିବାରୁ କୋଳିଡିହ ଓ ମହୁ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ତେବେ ୧୧ କେଭିରେ ଫ୍ୟୁଜ୍ ବାନ୍ଧିବା ସକାଶେ କାଳନ୍ଦୀଙ୍କ ସମେତ ଅନ୍ୟ କେତେଜଣ କର୍ମଚାରୀ ବିଦ୍ୟୁତ୍ ସରବରାହ କାଟି ସାନଅଙ୍କୋ ଗ୍ରାମକୁ ଫ୍ୟୁଜ୍ ବାନ୍ଧିବାକୁ ଯାଇଥିଲେ। ଦୁଇଟି ଫ୍ୟୁଜ୍ ବାନ୍ଧି ସାରି ତୃତୀୟ ଫ୍ୟୁଜ୍ ବାନ୍ଧୁ ଥିବା ବେଳେ ହଠାତ୍ ତାର ଚାର୍ଜ ହୋଇଯାଇଥିଲା। ଫଳରେ କାଳନ୍ଦୀଙ୍କର ହାତ ଓ ଜଙ୍ଘରେ ନିଆଁ ଲାଗି ଯିବା ସହ ସେ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଦ୍ୟୁତ୍ ବିଭାଗ(ସେସୁ)ର ଅବହେଳା ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେଠାରେ କୌଣସି ବିଭାଗୀୟ ଅଧିକାରୀ ନ ପହଞ୍ଚିବାରୁ କାଳନ୍ଦୀଙ୍କ ଗ୍ରାମର ଯୁବକମାନେ ମୃତଦେହ ଧରି ସେସୁ କାର୍ଯ୍ୟାଳୟ ଆଗରେ ରାସ୍ତାରୋକୋ କରିଥିଲେ। ପ୍ରଦ୍ୟୁମ୍ନ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରାସ୍ତାରୋକୋରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ସାମିଲ ହୋଇଥିଲେ।

# ସୁନା ଦୋକାନୀଙ୍କ ଘରୁ ଲୁଟ୍

ମହାକାଳପଡ଼ା, ୨୩।୭ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଜମ୍ବୁ ମେରାଇନ ଥାନା ଅଧୀନ ରାମନଗର ପଞ୍ଚାୟତର ଫାଣ୍ଡି ପଛ ପଟେ ଥିବା ସୁନା ଦୋକାନୀ ବିଶ୍ୱଜିତ କର୍ମକାରଙ୍କ ଘରୁ ମଙ୍ଗଳବାର ରାତି ପ୍ରାୟ ୮ଟା ବେଳେ ଲୁଟ୍ ହୋଇଛି। ବିଶ୍ୱଜିତଙ୍କ ସ୍ତ୍ରୀଙ୍କୁ ଭୁଜାଲି ଦେଖାଇ ୨ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି।

ପ୍ରକାଶ ଯେ, ବିଶ୍ୱଜିତଙ୍କର ରାମନଗରରେ ସୁନା ଦୋକାନ ରହିଛି। ସନ୍ଧ୍ୟାରେ ସେ ଦୋକାନରେ ଥିବା ବେଳେ ଦୁଇ ଜଣ ଯୁବକ ଏକ ବାଇକରେ ତାଙ୍କ ଘରକୁ ଯାଇ ବିଶ୍ୱଜିତଙ୍କୁ ଖୋଜିଥିଲେ। ସେ ଘରେ ନଥିବା ନେଇ ଜାଣିବା ପରେ ଯୁବକ ଦ୍ୱୟ ପାଣି ପିଇବାକୁ ମାଗିଥିଲେ। ବିଶ୍ୱଜିତଙ୍କ ସ୍ତ୍ରୀ ଘର ଭିତରକୁ ଯାଇ ପାଣି ଆଣୁଥିବା ବେଳେ ସେମାନେ ତାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଘରେ ଥିବା ସୁନା ଅଳଙ୍କାର ଲୁଟି ନେଇଥିଲେ। ଏ ନେଇ ବିଶ୍ୱଜିତ ଥାନାରେ ଅଭିଯୋଗ କରିଛନ୍ତି।

# ଭାଜପାର ସଦସ୍ୟତା ଅଭିଯାନ



ସଭାରେ ଭାଜପା ନେତା ଓ କର୍ମକର୍ତ୍ତାମାନେ।

ରାଜକନିକା, ୨୩।୭ (ଡି.ଏନ୍.ଏ.)

ରାଜକନିକା ବ୍ଲକ ପଶ୍ଚିମକନିକା ମଣ୍ଡଳ ଭାଜପା ପକ୍ଷରୁ କଣ୍ଡିଆହାଟଠାରେ ସଂଗଠନ ପର୍ବ ସଦସ୍ୟତା ଅଭିଯାନ ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ଭାଜପା ବରିଷ୍ଠ ନେତା ଦୋଳଗୋବିନ୍ଦ ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ନୂତନ ସଦସ୍ୟ ଭାବେ ଯୋଗଦେଇଥିବା ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ଅଧିକରୁ ଅଧିକ ସଂଖ୍ୟାରେ ସଭ୍ୟ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମଣ୍ଡଳ ସଭାପତି କାର୍ତ୍ତିକ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଦସ୍ୟତା ଅଭିଯାନର ମଣ୍ଡଳ (୨୭ନଂ. ଜୋନ୍) ପ୍ରମୁଖ ବାମଦେବ ଦାସ, ଜିଲା କାର୍ଯ୍ୟକାରୀ ସଦସ୍ୟ ବାଦଲ ନନ୍ଦ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ଶତାଧିକ ଉଠା ଜଳସେଚନ ପ୍ରକଳ୍ପ ଅଚଳ

■ ମରୁଡିର ପଦଧ୍ୱନି, ଚିନ୍ତାରେ ଚାଷୀ
■ ବର୍ଷା ଅଭାବରୁ ଧାନ ତଳି ଶୁଖିଲାଣି
■ ଫନୀ ବାତ୍ୟାରେ ୧୩ ପ୍ରକଳ୍ପ କ୍ଷତିଗ୍ରସ୍ତ

ପଟ୍ଟାମୁଣ୍ଡାଇ, ୨୩।୭ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଉଠା ଜଳସେଚନ ଉପଖଣ୍ଡ ଅଧୀନରେ ଥିବା ଚଉଦକୁଲାଟ, ପଟ୍ଟାମୁଣ୍ଡାଇ ଓ ରାଜନଗର ସେକ୍ସନରେ ଶତାଧିକ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇ ପଡିରହିଛି । ଏବେ ବର୍ଷା ଅଭାବରୁ ଧାନ ତଳି ଶୁଖି ମରିଗଲାଣି । ଏହାଛଡା ଶତାଧିକ ଏକର ଜମିରେ ବୁଣା ଯାଇଥିବା ଧାନ ମରୁଡି କବଳିତ ହୋଇ ସାରିଲାଣି । କେତେକ ସ୍ଥାନରେ ପାଣି ଅଭାବରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିବା ବେଳେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏଭଳି ପରିସ୍ଥିତିରେ ଅଚଳ ହୋଇ ପଡିଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ପଟ୍ଟାମୁଣ୍ଡାଇ ସବ୍ ଡିଭିଜନ୍‌ରେ ୨୪୦ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ୨୦୦ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ବିଭାଗ ପକ୍ଷରୁ କୁହାଯାଉଛି । ମାତ୍ର ବାସ୍ତବରେ ଗୋଟିଏ ହେଲେ ପ୍ରକଳ୍ପ ଚାଲୁନାହିଁ ବୋଲି ଚାଷୀମାନେ ଅଭିଯୋଗ ଉଠାଇଛନ୍ତି । ଚଉଦକୁଲାଟ ସେକ୍ସନ ଅଧୀନରେ ୮୦ଟି, ପଟ୍ଟାମୁଣ୍ଡାଇ ସେକ୍ସନରେ ୭୮ ଓ ରାଜନଗର ସେକ୍ସନ ଅଧୀନରେ ୮୨ଟି ପ୍ରକଳ୍ପ ରହିଛି । ସେଥିମଧ୍ୟରୁ କୌଣସି ଗୋଟିଏ ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ଥିବା ବେଳେ କେବଳ କାଗଜପତ୍ରରେ ଶତାଧିକ ପ୍ରକଳ୍ପ ଚାଲିଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି । ଅପରପକ୍ଷରେ ଫନୀ ବାତ୍ୟାରେ ୧୩ଟି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି । ଏହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି । ବିଦ୍ୟୁତ ତାର, ପାଇପ୍ ଲାଇନ୍, ସକ୍ସନ୍ ଡେଲିଭରି ପାଇପ୍ ଓ ପାନାଲ ବୋର୍ଡ ଆଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ପ୍ରକଳ୍ପଗୁଡିକର ମରାମତି ପାଇଁ ଅର୍ଥ ଆବଶ୍ୟକ ପଡୁଥିବା ବେଳେ ଖରିଫ ଚାଷ ମଧ୍ୟରେ ଏହା ମରାମତି ହେବା ନେଇ ଆଶଙ୍କା ଦେଖାଦେଇଛି । ସେହିପରି ଆଠ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ଅକାମି ହୋଇ ପଡିଛି । ଅଳଭା ପ୍ରକଳ୍ପ ଲୁଣି ହୋଇଯାଇଛି । ଅମୃତମଣୋହି, ଅଳଭା, ବାଲିପାଟଣା, ମଣ୍ଡପଡା, କଷଣଅଣ୍ଟା, ଚକିବାଙ୍କ, ବାଲିଚନ୍ଦ୍ରପୁର ପ୍ରଭୃତି ପ୍ରକଳ୍ପଗୁଡିକ ନଦୀର ଗତିପଥ ପରିବର୍ତ୍ତନ ଯୋଗୁ ବାଲିଚର ହୋଇଯାଇଛି ବୋଲି ସୂଚନା ଅଧିକାର ଆଇନ ବଳରେ ସାମାଜିକ କର୍ମୀ ବ୍ରଜବନ୍ଧୁ ଦାଶ ମାଗିଥିବା ତଥ୍ୟରୁ ଜଣାଯାଇଛି । ସେହିପରି ଆର୍‌ଆଇବିଏଫ ଯୋଜନାରେ ୧୩ଟି ନୂଆ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଏହି କାର୍ଯ୍ୟ ଗୁଡିକ ଆରମ୍ଭ ହୋଇନାହିଁ । ଫଳରେ ଉଠା ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରି ଚାଷ କରିବାକୁ ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି । ତଥାପି ମରୁଡିର କରାଳ ଛାୟାରୁ ରକ୍ଷା ପାଇବା ପାଇଁ ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ବାରମ୍ବାର ଅଫିସକୁ ଦୌଡିବା ଦେଖିବାକୁ ମିଳୁଛି । ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଆଦୌ ପଦକ୍ଷେପ ଗ୍ରହଣ ନ କରିବା ଚାଷୀମାନଙ୍କୁ ହତାଶ କରିଦେଇଛି ।୨୦୧୮-୧୯ ମସିହାରେ ବାଲିପାଟଣା କେଏଫ୍‌ଡବ୍ଲୁ, ବଡପଡା, ଶ୍ରୀରାମପୁର, ଖର୍ଦ୍ଦା, ସାହୁପଡା, ମଣ୍ଡପଡା, କଷଣଅଣ୍ଟା, ଚକିବାଙ୍କ, ବିଲିକଣା, ବାଲିଚନ୍ଦ୍ରପୁର, କେରଡାଗଡ ଆଦି ୧୨ଟି ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା ।

ମାତ୍ର ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହେବା ବିଭାଗୀୟ ଯନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପଟ୍ଟାମୁଣ୍ଡାଇ ଉଠାଜଳସେଚନ ସବ୍‌ଡିଭିଜନ ଅଧୀନରେ ୧୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଖରିଫ ଧାନ, ଡାଲୁଅ ଧାନ, ଗହମ, ବିରି, ମୁଗ, ଧନିଆ, ଚିନାବାଦାମ, ଯଅ, ମାଣ୍ଡିଆ, ମକା ସମେତ ଅର୍ଥକାରୀ ପନିପରିବା ଫସଲ ପ୍ରଚୁର ଅମଳ ହେଉଥିଲା । କିନ୍ତୁ ପ୍ରକଳ୍ପଗୁଡିକ ଅଚଳ ହୋଇପଡିବା ଫଳରେ ଧୋୟାଞ୍ଚଳ ଚାଷ ଜମି ଏବେ ପଡିଆ ପଡିଛି ।

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ୍ ସହକାରୀ ଯନ୍ତ୍ରୀ ବିନୟ ଭୂଷଣ ଭୂୟାଁ ଆଳି ସବ୍‌ଡିଭିଜନ୍ ଦାୟିତ୍ୱରେ ଥିବା ବେଳେ ଅଧିକାଂଶ ସମୟରେ ପଟ୍ଟାମୁଣ୍ଡାଇ ଅଫିସ୍‌କୁ ଆସି ପାରୁନାହାନ୍ତି । ସେହିପରି ଚଉଦକୁଲାଟ ଓ ପଟ୍ଟାମୁଣ୍ଡାଇ ସେକ୍ସନ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ରବିନାରାୟଣ ମହାନ୍ତି, ବିଦ୍ୟୁତ ବିଭାଗ ଦାୟିତ୍ୱରେ ଥିବା ପ୍ରଦୀପ ନାୟକ ଉଭୟ ପଟ୍ଟାମୁଣ୍ଡାଇ ଓ ରାଜନଗର ଦାୟିତ୍ୱ ତୁଲାଉଥିବା ବେଳେ କୌଣସି କାର୍ଯ୍ୟ ଠିକ୍ ଭାବେ ସମ୍ପାଦିତ ହୋଇ ପାରୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଉଠା ଜଳସେଚନ ପ୍ରକଳ୍ପ ଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବାକୁ ଚାଷୀମାନେ ସମୂହ ଦାବି କରିଛନ୍ତି।



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ୨୪ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ କାଳିଆ ଯୋଜନାରୁ ବାଦ୍

**ଭାପୁର,୨୩।୭ (ଡି.ଏନ.ଏ):** ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ସାମିଲ ହେବା ପାଇଁ ନୟାଗଡ଼ ଜିଲା ଭାପୁର ବ୍ଲକର ୩୯,୩୪୧ ଜଣ ଭୂମିହୀନ ଚାଷୀ ଆବେଦନ କରିଥିଲେ ହେଁ ପ୍ରଥମ କିସ୍ତିରେ ମାତ୍ର ୧୫ ହଜାର ଲୋକ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଅନ୍ୟମାନେ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆଶା କରି ବସିଛନ୍ତି। ଦୀର୍ଘ ୧୯ ବର୍ଷ ଶାସନ କ୍ଷମତାରେ ରହିଥିବା ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନ ଥିଲା ବେଳେ ଗତ ସାଧାରଣ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଲୋଭନୀୟ କାଳିଆ ଯୋଜନା ପ୍ରଣୟନ କରିଥିଲେ। ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହି ଯୋଜନା ଘୋଷଣା ହେବା ଦ୍ୱାରା ଚାଷୀ, ଅଣଚାଷୀ, ଭୂମିହୀନ ଓ ଭାଗଚାଷୀମାନେ ୩ଟି କିସ୍ତିରେ ପଞ୍ଚାୟତରେ ଆବେଦନ କରିଥିଲେ। ପ୍ରଥମ କିସ୍ତିରେ ବ୍ଲକର ୨୩,୦୨୮ ଜଣ, ଦ୍ୱିତୀୟ କିସ୍ତିରେ ୯୫୨୩ ଓ ବିଭିନ୍ନ ସେବା ସମବାୟ ସମିତିରେ ପୂର୍ବରୁ ଚାଷୀଭାବେ ପଞ୍ଜୀକୃତ ହୋଇଥିବା ୬୭୯୦ ଜଣଙ୍କୁ ମିଶାଇ ମୋଟ ୩୯,୩୪୧ ଜଣ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିଲେ। ମାତ୍ର ଏବେ ସୁଦ୍ଧା ମାତ୍ର ୧୫ ହଜାର ଚାଷୀ ଏହି ଯୋଜନାରେ ସାମିଲ ହୋଇଥିବାବେଳେ ୨୪, ୩୪୧ ବାଦ୍ ପଡିଛନ୍ତି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଚାଷୀମାନେ ଉପେକ୍ଷିତ ହେବା ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ଭାପୁର କୃଷି ଅଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ କୁହନ୍ତି, ବ୍ଲକ ସ୍ତରରେ ଆମର କିଛି କରିବାର ନାହିଁ ଏହା ରାଜ୍ୟ ସ୍ତରରେ ପ୍ରଦାନ କରାଯାଉଛି।

### ବୋମା ପକାଇ ହତ୍ୟା ଉଦ୍ୟମରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୩।୭:** ବୋମା ପକାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଭାତପଡାର କୃଷ୍ଣଚନ୍ଦ୍ର ପାତାଳସିଂ(୩୨)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ନଂ. ୭୫/୧୯ରେ ମାମଲା ରୁଜୁ କରିଥିଲା। କୃଷ୍ଣ ରାଧାକାନ୍ତପୁର ଆମ୍ବଗଛ ମୂଳକୁ ବୋମା ଫୋପାଡିବା ସମୟରେ ଏଥିରେ ଜଣେ ଗୁରୁତର ଆହତ ହୋଇଥିଲେ।

### ୧୭ ଗ୍ରାମ ହେରୋଇନ୍, ଟଙ୍କା ଜବତ, ଜଣେ ଗିରଫ

**ଜଟଣୀ,୨୩।୭(ଡି.ଏନ.ଏ.):** ଅବକାରୀ ବିଭାଗ ଚଢ଼ାଉ କରି ଜଟଣୀ କୁଦିଆରୀ ଦଳିତ ସାହିରୁ ମଙ୍ଗଳବାର ୧୭ ଗ୍ରାମ ହିରୋଇନ୍ ଓ ୬ ହଜାର ୪ ଶହ ଟଙ୍କା ଜବତ କରିଛି। ଏହାକୁ ବିକ୍ରୟ କରୁଥିବା ପ୍ରଶାନ୍ତ ବେହେରାଙ୍କୁ ଗିରଫ କରାଯାଇଥିବା ଜଟଣୀ ଅବକାରୀ ସବ୍‌ଇନ୍ସପେକ୍ଟର କୌଶଲ୍ୟା ଜେନା କହିଛନ୍ତି। ଏ ନେଇ ନଂ. ୨୩/୧୯ରେ ମାମଲା ରୁଜୁ ହୋଇଛି।

## ଦୋଛକିରେ ନୟାଗଡ଼ ଚିନିକଳ

# ଧିମେଇ ପଡ଼ିଲା କମିଟିର ଆନ୍ଦୋଳନ

**ନୟାଗଡ଼ ଅଫିସ,୨୩।୭**

ଶିଳ୍ପବିହୀନ ନୟାଗଡ଼ ଜିଲାରେ ଥିବା ଏକମାତ୍ର ଶିଳ୍ପ ଭାବେ ପରିଗଣିତ ହେଉଥିବା ଚିନିକଳ ଦୀର୍ଘ ୫ ବର୍ଷ ହେଲାଣି ବନ୍ଦ ହୋଇ ପଡ଼ିରହିଛି। କିଛି ଦିନ ତଳେ ବନ୍ଦ ହୋଇ ପଡ଼ିଥିବା ଚିନିକଳର ସୁରକ୍ଷା ଓ ପୁନର୍ବାର ଚାଲୁ କରିବା ଦାବିରେ ଆନ୍ଦୋଳନ ତେଜିଥିଲା। ହେଲେ ଏହି ଆନ୍ଦୋଳନ ବର୍ତ୍ତମାନ ଥମି ଯାଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ବନ୍ଦ ଡାକରା ସ୍ଥଗିତ ହେବା ପରେ ଚିନିକଳକୁ ନେଇ ଚାଲୁଥିବା ଆନ୍ଦୋଳନ ଥମି ଯାଇଛି। ଫଳରେ ଚିନିକଳର ଭବିଷ୍ୟତ କ'ଣ ହେବ ତାହାକୁ ନେଇ ଚାଷୀ, କର୍ମଚାରୀଙ୍କଠାରୁ ଆରମ୍ଭକରି ଜିଲାବାସୀଙ୍କ ମନରେ ବନ୍ଦ ହୋଇ ପଡ଼ିଥିବା ଚିନିକଳ ଖୋଲିବ ନା ଖୋଲିବା ପାଇଁ ପ୍ରତିଶ୍ରୁତି ଦିଆଯିବ ନା ପ୍ରତିଶ୍ରୁତି ପାଣିର ଗାର ପାଲଟିଯିବ ଏହିଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଫଳରେ ଦୋଛକିରେ ନୟାଗଡ଼ ଚିନିକଳର ଅବସ୍ଥା ଥିବା ନେଇ ଆଲୋଚନା ହେଉଛି। କିଛି ଦିନ ତଳେ ଚିନିକଳର ସୁରକ୍ଷା ଓ ପୁନର୍ବାର ଚାଲୁ କରିବା ଦାବିରେ ଗଢ଼ା ହୋଇଥିବା



ବନ୍ଦ ହୋଇ ପଡ଼ିଥିବା ଚିନିକଳ।

### ନୟାଗଡ଼ ବନ୍ଦ ଡାକରା ସ୍ଥଗିତ ହେବା ପରେ ଉଠିଲ ପ୍ରଶ୍ନ

ନୟାଗଡ଼ ଚିନିକଳ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟିର ଭୂମିକାକୁ ନେଇ ମଧ୍ୟ ସନ୍ଦେହ ଉପୁଜିଲାଣି। ଚିନିକଳ ନ ଖୋଲିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କମିଟିର ସଦସ୍ୟମାନେ ଚିତ୍କାର କରୁଥିବା ବେଳେ କାହିଁକି ୨୪ ତାରିଖରେ ହେବାକୁ ଥିବା ନୟାଗଡ଼ ବନ୍ଦ ଡାକରାଙ୍କୁ ସ୍ଥଗିତ କଲେ ତାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ। ପ୍ରକାଶ ଯେ ମାସେ ତଳେ ଚିନିକଳକୁ ବିକ୍ରି ହେବା ନେଇ ଗୁଜବ ହେବା ପରେ ସବୁ ଦଳର ନେତା, କର୍ମଚାରୀ ଓ ଚାଷୀମାନେ ଏକାଠି ହୋଇଥିଲେ। ଜୁନ୍‌ରେ ପ୍ରଥମେ ଏକ ସାଧାରଣ ବୈଠକ କରି ଚିନିକଳ ପୁନରୁଦ୍ଧାର କ୍ରିୟାନୁଷ୍ଠାନ କମିଟି ନାମରେ ଏକ କମିଟି ଗଠନ କରାଯାଇଥିଲା। ଏହା ପରେ ପାଖାପାଖି ୨୦ ଦିନ ଧରି କମିଟିର ସଦସ୍ୟମାନେ ବିଭିନ୍ନ ଗ୍ରାମରେ ବୁଲି ଲୋକଙ୍କୁ ଚିନିକଳ ଖୋଲିବା ଦିଗରେ ସଚେତନ କରାଇଥିଲେ। ଏପରିକି ଗତ ୧୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ କରିଥିଲେ। ଏହି ବିକ୍ଷୋଭ ହେବା ଦ୍ୱାରା ଜିଲା ପ୍ରଶାସନଠାରୁ ଆରମ୍ଭକରି ସ୍ଥାନୀୟ ରାଜନେତାଙ୍କ ଏହା ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ହେଲେ ତେଜି ଆସୁଥିବା ଆନ୍ଦୋଳନ ହଠାତ ଧିମା ପଡ଼ିଗଲା। କାହିଁକି ଧିମା ପଡ଼ିଲା ସେ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ମଙ୍ଗଳବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ୨୪ ତାରିଖରେ ହେବାକୁ ଥିବା ବନ୍ଦ ଡାକରାଙ୍କୁ ସ୍ଥଗିତ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଆବାହକ ବିଶ୍ୱନାଥ ମହାପାତ୍ର ପ୍ରକାଶ କରିଥିଲେ ଯେ, ସୋମବାର ଭୁବନେଶ୍ୱର କୃଷିଭବନଠାରେ ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଅନୁରୋଧକ୍ରମେ କମିଟିର ସଦସ୍ୟମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଅରୁଣ ସାହୁ ନିଜେ ଏହି ଆନ୍ଦୋଳନରେ ଅଂଶବିଶେଷ ହେବା ସହିତ ସମସ୍ତ କ୍ଷେତ୍ରରେ ସକ୍ରିୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ନେଇ ଜଣାଇଥିଲେ। ଅଗଷ୍ଟ ୨ ତାରିଖରେ ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ଜିଲାସ୍ତରୀୟ ବୈଠକ କରାଯିବ। ଏହି ବୈଠକରେ ଜିଲାପାଳ, ମନ୍ତ୍ରୀ ଓ କମିଟିର ସଦସ୍ୟମାନଙ୍କ ସହିତ ଆଲୋଚନା ହୋଇ ଚିନିକଳ ଖୋଲାଯିବା ଦିଗରେ ଆଲୋଚନା କରାଯିବ। ପରେ ବିଧାନସଭା ଅଧିବେଶନ ଶେଷ ହେବା ପରେ ଏ ନେଇ ସମବାୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ ବୋଲି ମହାପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ଦୁଇଟି ବୈଠକ ପରେ ବିଚାରକରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯିବ ବୋଲି ମହାପାତ୍ର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ କମିଟିର ସଦସ୍ୟ ମନୋଜ କୁମାର ସାହୁ ଓ ସନ୍ତୋଷ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

### ପଲିଥିନ ମୁକ୍ତ ଖୋର୍ଦ୍ଧା ସହର ଗଠନ ପାଇଁ ପ୍ରୟାସ

**ଖୋର୍ଦ୍ଧା ଅଫିସ,୨୩।୭**

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଗଷ୍ଟ ୧୫ ସୁଦ୍ଧା ଖୋର୍ଦ୍ଧା ସହରକୁ ପଲିଥିନମୁକ୍ତ କରିବାକୁ ସେ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ବିଜେବି ହାଇସ୍କୁଲ ପଡିଆକୁ ପରିଷ୍କାର ଓ ସାଜସଜ୍ଜା କରିବାକୁ ପୌର ପରିଷଦ ଓ ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରୀୟ ପରେଡରେ ଭାଗ ନେବାକୁ ଆଗ୍ରହୀ ଥିବା ସ୍କୁଲ ଆସନ୍ତା ୩୧ ତାରିଖ ସୁଦ୍ଧା ନାମ ପଞ୍ଜୀକୃତ କରିବାକୁ ନିଷ୍ପତ୍ତି ହୋଇଛି। ସ୍ୱାଧୀନତା ଦିବସ ଉପରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରିବାକୁ ଜିଲା ଶିକ୍ଷ ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷଠାରୁ ଶ୍ରେଷ୍ଠ କୃଷକ, ଆଦର୍ଶ ଶିକ୍ଷକ, ଶ୍ରେଷ୍ଠ ଆଶା କର୍ମୀ, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ପୁରସ୍କାର ଦିଆଯିବ।

# ଶ୍ରାବଣରେ ମୁଣ୍ଡଫଟା ଖରା, ମରୁଡ଼ି ଆଶଙ୍କା

**ଖଣ୍ଡପଡା,୨୩।୭(ସ୍ୱ.ପ୍ର.)**

ଗତ କିଛିଦିନ ହେବ ନୟାଗଡ଼ ଜିଲାରେ ବର୍ଷା ଉଭାନ ହୋଇଯାଇଛି। ଏହାକୁ ନେଇ ଚାଷୀଙ୍କ ମନରେ ହତାଶ ଭାବ ସୃଷ୍ଟି ହୋଇଛି । ମୌସୁମୀ ଦୁର୍ବଳ ଅବସ୍ଥାରେ ଥିବାରୁ ଟାଇଁ ଟାଇଁ ଖରାରେ ଧାନ ବିଲ ଏବେ ଶୁଖିଲା ପଡିଛି । ବିଶେଷକରି ଶ୍ରାବଣ ମାସରେ ଅନବରତ ବର୍ଷା ଲାଗିରହିବା ପରିବର୍ତ୍ତେ ମୁଣ୍ଡଫଟା ଖରା ଚାଷୀଙ୍କ ଆଶାକୁ ଆଶଙ୍କାରେ ପରିଣତ କରିଦେଇଛି। ଖଣ୍ଡପଡ଼ା ଅଞ୍ଚଳରେ ଏଭଳି ପରିସ୍ଥିତି ନେଇ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ସୂଚନାଯୋଗ୍ୟ ଏ ଅଞ୍ଚଳର ସମୁଦାୟ ଜନସଂଖ୍ୟାର ତିନି ଚତୁର୍ଥାଂଶ କୃଷି ଜୀବୀ ଓ ଶ୍ରମ ଜୀବୀ। ଦୀର୍ଘଦିନ ଧରି ଆବଶ୍ୟକ ପରିମାଣର ବର୍ଷା ନ ହେବା ଯୋଗୁ ଅନେକ ସ୍ଥାନରେ ଧାନ ଗଛ ତଳି ମୁଣ୍ଡି ମରିଯାଇଛି। ଜଳ ଅଭାବରେ ବେଉଷଣ ହୋଇପାରୁନାହିଁ। ଏ ଅଞ୍ଚଳର ମୁଖ୍ୟ ଧାନ ଫସଲ ବେଉଷଣ ଅଭାବରୁ ଉଜୁଡ଼ିଯିବାକୁ ବସିଲାଣି। ଧାନ ଜମିଗୁଡ଼ିକରେ ଅନାବନା ଗଛ ମାଡ଼ିଗଲାଣି। ଚାଷୀମାନେ ବର୍ଷାକୁ



ବୁଣା ହୋଇଥିବା ଧାନ କ୍ଷେତରେ ଗୋରୁ ଚରୁଛନ୍ତି।

ଅନାଇ ଜମିକୁ ଯାଉନାହାନ୍ତି। କୂଅ, ପୋଖରୀ, ନଦୀ, ନାଳ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକରେ ଜଳସ୍ତର ବହୁ ତଳେ ରହିଛି। ଏ ଅଞ୍ଚଳରେ ଜଳସେଚିତ ଜମିର ପରିମାଣ କମ୍। ଗତ କିଛିଦିନ ଧରି ଖରା ଓ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଧାନ ବିଲରେ ଗୋରୁ ଚରୁଛନ୍ତି। ଏହି ପରିସ୍ଥିତି ଯଦି ଆଉ କିଛିଦିନ ଲାଗିରହେ ତେବେ ଅବସ୍ଥା ଅଣାୟତ୍ତ ହୋଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷ କରି ସିଧାମୂଳା ଓ ଅନ୍ୟ କେତେକ ପଞ୍ଚାୟତର ଢିପ ସ୍ଥାନରେ ଥିବା ଧାନଜମି ଆବଶ୍ୟକ ବର୍ଷା ଅଭାବରୁ ଧାନ ଗଛ ମରିବାକୁ ବସିଲାଣି। ବିଗତ ବର୍ଷ ସିଧାମୂଳା ଅଞ୍ଚଳରେ ଗଜା ମରୁଡି ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ତଦନ୍ତ ନ କରି ଭଲ ଧାନ ଫସଲ ହୋଇଛି ବୋଲି ରିପୋର୍ଟ ପ୍ରଦାନ କରିଥିବାରୁ ଚାଷୀମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ସିଧାମୂଳା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ରଣା ଓ ଅନେକ ଚାଷୀ ଅଭିଯୋଗ କରିଛନ୍ତି । ଏହାଛଡା ଅଞ୍ଚଳର ଧାନ ଜମି ଏବେ ପାଣି ବିନା ଫାଟିବାକୁ ବସିଲାଣି ଓ ଜମିରେ ଗୋରୁ ଚରୁଥିବା ସେମାନେ ପ୍ରକାଶ କରିଛନ୍ତି ।

### ଚୋରି ଅଭିଯୋଗରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଖୋର୍ଦ୍ଧା ଅଫିସ,୨୩।୭**

ଚୋରି ଅଭିଯୋଗରେ ଖୋର୍ଦ୍ଧା ଜିଲାର ବାଣପୁର ଥାନା ପୋଲିସ ବଡହନ୍ତୁଆଡ ଗାଁର ନୌସଦ ମିର୍ଜା(୧୯)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନୌସଦଙ୍କୁ ବାଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ବାଣପୁର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପାଖରେ ଥିବା ହାତିମୁଣ୍ଡା ଗାଁର ତାରା ପ୍ରସାଦ ବାରିକଙ୍କ କ୍ୟାବିନରୁ ଗତ ୨୦ ତାରିଖରେ କମ୍ପ୍ୟୁଟର ସମେତ ଉପକରଣ ଚୋରାଇ ନେଇଥିଲେ। ତାରାଙ୍କ ଅଭିଯୋଗ ପରେ ପୋଲିସ ଦଫା ୪୫୭, ୩୮୦ରେ ନଂ. ୨୧୦/୧୯ରେ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଚୋରି ଘଟଣାରେ ନୌସଦ ଗିରଫ ପରେ ତାଙ୍କଠାରୁ ପେନ ଡ୍ରାଇଭ ୪, ମନିଟର, ସିପିୟୁ ପରି କମ୍ପ୍ୟୁଟର ଉପକରଣ ଜବତ ହୋଇଛି। ନୌସଦଙ୍କ ନାଁରେ ବାଣପୁର ଥାନାରେ ୩ଟି, ଟାଙ୍ଗୀ ଥାନାରେ ଗୋଟିଏ ଓ ନୟାଗଡ ଜିଲାର ଚାନ୍ଦପୁର ଥାନାରେ ଗୋଟିଏ ମାମଲା ରହିଛି। ସେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ବିଭିନ୍ନ ମନ୍ଦିର ଚୋରି ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତକାରୀ ଅଫିସର ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୨୩।୭**

ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍)ର ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ନୟାଗଡ଼ ରେଳଷ୍ଟେଶନଠାରେ ପ୍ରତିଷ୍ଠା ଦିବସ ଓ ଦାୟିତ୍ୱ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ବିଭାଗ ସଂଯୋଜକ ବିଜୟ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଆଲୋକପାତ କରିଥିଲେ। ସନ୍ତୋଷ କୁମାର ପ୍ରଧାନ, ପ୍ରଭାକର ଉତ୍ତର କବାଟ, ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଜିଲା କମିଟି ଘୋଷଣା କରାଯାଇଥିଲା। ଜିଲା ସଭାପତି ଭାବେ ପ୍ରଭାତ ପରିଡ଼ା, ଉପସଭାପତି ଜଗନ୍ନାଥ ସିଂ, ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର, ସହ ସମ୍ପାଦକ ଜୟ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ଭଞ୍ଜ ଦାୟିତ୍ୱ ଗ୍ରହଣ କରିଥିଲେ।




ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିଙ୍କ ସହ ଜିଲାର ସଦସ୍ୟମାନେ।

### ଗ୍ୟାସ୍ ଡିପୋ ସମ୍ମୁଖରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୩।୭**

ଖୋର୍ଦ୍ଧା ଶିଳ୍ପାଞ୍ଚଳର ଭାରତ ଗ୍ୟାସ ଡିପୋ ସମ୍ମୁଖରେ ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ ବିକ୍ଷୋଭ କରିଥିଲେ। ଛଟେଇ ୭ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ସମାନ କାମକୁ ସମାନ ମଜୁରି, ଇପିଏଫ ଓ ଇଏସ୍ଆଇରେ ଅଣଦେଖା ନ କରିବା ପରି ଦାବିପୂରଣ ନେଇ ଏ ଆନ୍ଦୋଳନ ହୋଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳରତ ଶ୍ରମିକମାନେ କହିଛନ୍ତି। ତେବେ ଘଟଣା ସମ୍ପର୍କରେ ଭାରତ ଗ୍ୟାସ୍ କର୍ତ୍ତୃପକ୍ଷଙ୍କୁ ଭେଟିବାକୁ ସୁଯୋଗ ମିଳି ନ ଥିଲା।

### ମହାବିଦ୍ୟାଳୟ ପରିସରରେ ଚାରାରୋପଣ

**ନୟାଗଡ଼ ଅଫିସ,୨୩।୭**

ନୟାଗଡ଼ ବ୍ଲକ ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଡିଏଫଓ ଧନରାଜ ଏଚଡ଼ି ଯୋଗ ଦେଇ ବର୍ତ୍ତମାନ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ସମାଧାନ ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ମନୋଜ କୁମାର ପାତ୍ର , ସମ୍ମାନିତ ଅତିଥି ଭାବେ ଇଟାମାଟି ସରପଞ୍ଚ ସୋନାଲିକା ମନ୍ତନ ଯୋଗ ଦେଇଥିଲେ। ଶିଳ୍ପାୟନ ଏବଂ ସହର ସମ୍ପ୍ରସାରଣ ସହିତ ବ୍ୟାପକ ବୃକ୍ଷରୋପଣ ଯଦି କରା ନ ଯାଏ ଆଗାମୀ ପିଢି ପାଇଁ ଜୀବନ ଦୁର୍ବିଷହ ହେବା ସହ ପୃଥିବୀର ଜୀବଜଗତ ନିଶ୍ଚିହ୍ନ ହୋଇଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉମେଶ ଚନ୍ଦ୍ର ପଟ୍ଟନାୟକ, ରଙ୍ଗନାଥ ବେହେରା ଏବଂ ଅମିତା ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବୀନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅମୀୟ ମୋହନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ପରିସରରେ ଏକାଧିକ ଚାରାରୋପଣ କରାଯାଇଥିଲା।



ଚାରାରୋପଣ କରାଯାଉଛି।

# ଯୋଜନାରେ ଅଟକିଛି ପର୍ଯ୍ୟଟନ କ୍ଷେତ୍ରର ବିକାଶ

**ଖଣ୍ଡପଡ଼ା,୨୩।୭(ସ୍ୱ.ପ୍ର.)**

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ତଥା ଉନ୍ନତି ନିମନ୍ତେ ବହୁ ଯୋଜନା ପ୍ରସ୍ତୁତ କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ପ୍ରକୃତପକ୍ଷେ ଏହି ଯୋଜନା କାଗଜକଲମରେ ସୀମିତ ରହୁଥିବା ବେଳେ ତାହା ପର୍ଯ୍ୟଟକ କିମ୍ବା ତୀର୍ଥଯାତ୍ରୀଙ୍କ କୌଣସି କାର୍ଯ୍ୟରେ ଆସିପାରୁ ନାହିଁ। ନୟାଗଡ ଜିଲା ଖଣ୍ଡପଡା ନିର୍ବାଚନମଣ୍ଡଳୀର କଣ୍ଟିଲୋଠାରେ ନିର୍ମାଣ ହୋଇଥିବା ପାନ୍ଥଶାଳା ଓ ବ୍ୟାଖ୍ୟାନକେନ୍ଦ୍ରକୁ ଦେଖିଲେ ଏହା ସହଜରେ ଜଣାପଡିଥାଏ। ନିମ୍ନମାନର କାର୍ଯ୍ୟ, ରକ୍ଷଣାବେକ୍ଷଣ ଅଭାବ ସର୍ବୋପରି ପ୍ରଶାସନର କୋହଳ ମନୋଭାବ ଯୋଗୁ ଦୀର୍ଘ ୨୪ବର୍ଷରୁ ଊର୍ଦ୍ଧ୍ୱ ହେବ ପାନ୍ଥଶାଳା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସେହିପରି ଦୀର୍ଘ ୯ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା କଂସାପିତ୍ତଳ ବ୍ୟାଖ୍ୟାନ କେନ୍ଦ୍ର ବ୍ୟବହାର ହେଉ ନ ଥିବାରୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ କେବଳ ଯୋଜନାରେ ଅଟକିଥିବା କୁହାଯାଉଛି ।

କଣ୍ଟିଲୋ ନୀଳମାଧବ ଜୀଉ ପୀଠ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବାବେଳେ ଏକଦା ଏହା ନୌବାଣିଜ୍ୟର ପେଣ୍ଠସ୍ଥଳୀ ତଥା କଂସାପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିଲା। ପ୍ରତ୍ୟହ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହୁଥିବାବେଳେ ଯାତ୍ରୀ ନିବାସଟିଏ ନ ଥିବାରୁ ଲୋକେ ରହିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ୧୯୮୭




ବ୍ୟାଖ୍ୟାନକେନ୍ଦ୍ର।



ପାନ୍ଥଶାଳା।

### କାମରେ ଲାଗୁନି ପାନ୍ଥଶାଳା, ବ୍ୟାଖ୍ୟାନ କେନ୍ଦ୍ର

ମସିହାରେ ଏହି ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିଥିଲେ। ସେ ସମୟରେ କ୍ଷମତାସୀନ କଂଗ୍ରେସ ସରକାର ୧୯୮୭ ଜୁନ ୭ ତାରିଖରେ କଣ୍ଟିଲୋ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ୨୮.୩୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନ୍ଥଶାଳା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ପରେ ଏଠାରୁ ୨ କିଲୋମିଟର ଦୂର ପଥରଚକଡା ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ ୩.୩୮ ଏକର ପରିମିତ ଏକ ପାହାଡ଼ ଉପରେ ପାନ୍ଥଶାଳା କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ହୋଇ ୧୦ ବର୍ଷ ପରେ ଅର୍ଥାତ୍ ୧୯୯୭ ମସିହାରେ ଶେଷ ହୋଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ୨ବର୍ଷ ମଧ୍ୟରେ କାନ୍ଥରେ ଫାଟ ସୃଷ୍ଟି ହେବା ସହ ଗୃହର ଛାତ ଉପରେ ଚାଲିଲେ ତାହା ଦବି ଯାଉଥିଲା। ନିର୍ମାଣର ୨୦ବର୍ଷ ମଧ୍ୟରେ ପାନ୍ଥଶାଳାର ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପ୍ରାୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଗଲାଣି । ଇତିମଧ୍ୟରେ ପାନ୍ଥଶାଳାରେ ଥିବା ୧୬ ସେଟ କାଠ ପଲଙ୍କ ସହ ଗଦି, ଡ଼ାଇନିଂ ଟେବୁଲ, ଚେୟାର, ଆଲଣା ଆଦି ଉପକରଣ ଏବେ କେଉଁଠି ଓ କେଉଁ ଅବସ୍ଥାରେ ତାହା ତଦନ୍ତ ସାପେକ୍ଷ। ପାନ୍ଥଶାଳାର ରକ୍ଷଣାବେକ୍ଷଣ ତଥା କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ସମୟରେ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ ହୋଇଥିଲେ ବି ସୁଫଳ ମିଳିନି। ଅପରପକ୍ଷେ କାର୍ଯ୍ୟ ସମ୍ପନ୍ନର ଦୀର୍ଘ ୧୯ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପ୍ରଶାସନିକ ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆନ୍ତରିକତା କେତେ ତାହା ସ୍ପଷ୍ଟ ବାରି ହୋଇଯାଉଛି । ସେହିପରି କଂସା ପିତ୍ତଳ ବାସନ ଶିଳ୍ପର ବିକାଶ ତଥା ଉନ୍ନତି ନିମନ୍ତେ କଣ୍ଟିଲୋ ମାଘମେଳା ପଡିଆ ନିକଟରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୦୯ ଫେବୃୟାରୀ ୨୧ ତାରିଖରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ବ୍ୟାଖ୍ୟାନ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ୭୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସୁରମ୍ୟ ଦ୍ୱିତଳ ବିଶିଷ୍ଟ ଅଟ୍ଟାଳିକା ବିଭାଗୀୟ ବିଧିବ୍ୟବସ୍ଥା କ୍ରମେ ୧ବର୍ଷ ସମୟସୀମା ମଧ୍ୟରେ ଶେଷ ହୋଇଥିଲା। ଏହି କେନ୍ଦ୍ର ନୀଳମାଧବ ଜୀଉଙ୍କ ନିଜସ୍ୱ ଜାଗା ଉପରେ ଗଢି ଉଠିଥିବାରୁ ଦେବୋତ୍ତର ବିଭାଗ ଏହାକୁ ନିଜ ଦାୟିତ୍ୱରେ ରଖିଛି । ସରକାରଙ୍କ ଯୋଜନା କ୍ରମେ କଂସା ପିତ୍ତଳ ବାସନ ଶିଳ୍ପ ସହିତ କାରିଗରମାନଙ୍କ ଉନ୍ନତି ନିମନ୍ତେ କଂସାପିତ୍ତଳ ବ୍ୟାଖ୍ୟାନ କେନ୍ଦ୍ରର ଯୋଜନା ପ୍ରସ୍ତୁତ ହୋଇଥିଲା। କିନ୍ତୁ ଖଣ୍ଡପଡା ଦେବୋତ୍ତର ବିଭାଗ ବ୍ୟବସାୟିକ ଦୃଷ୍ଟି କୋଣରୁ ନିଜ ବିଭାଗର ରାଜସ୍ୱ ବୃଦ୍ଧି ଆଶାରେ ଉକ୍ତ କେନ୍ଦ୍ରକୁ ନିଜ ଅଧୀନରେ ରଖିଛି । ଏବେ ଏହି କେନ୍ଦ୍ର ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ଭାବରେ ବ୍ୟବହାର ହେଉଥିବା ବେଳେ ବିବାହ ବ୍ରତ ଆଦି ଉତ୍ସବ ପାଇଁ ମଧ୍ୟ ବ୍ୟବହାର ହେଉଛି। ପର୍ଯ୍ୟଟନ ବିଭାଗ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଭିନ୍ନ ପାନ୍ଥଶାଳା ଓ ବ୍ୟାଖ୍ୟାନକେନ୍ଦ୍ର ପ୍ରତିଷ୍ଠା କରୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ଭୂତକୋଠି ଭଳି ପଡିରହୁଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । ରାଜ୍ୟ ପର୍ଯ୍ୟଟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।